# ବିଶ୍ୱସ୍ତରୀୟ ହେବ ବାଲେଶ୍ୱର ରେଳଷ୍ଟେସନ

ବାଲେଶ୍ୱର, ୧୨।୨(ସମିସ)

ବାଲେଶ୍ୱର ରେଳଷ୍ଟେସନକୁ ଖଡଗପୁର ରେଳ ଡିଭିଜନର ଜିଏମ ଅନୀଲ କୁମାର ମିଶ୍ର ସୋମବାର ଗସ୍ତକରିଥିଲେ। ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ବିଶ୍ୱସ୍ତରୀୟ ମଡେଲ ଷ୍ଟେସନସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ଗଣମାଧମକୁ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଗତ ୯ତାରିଖରେ ବାଲେଶ୍ୱର ରେଳଷ୍ଟେସନର ବିକାଶ ତଥା ମଡେଲ ଷ୍ଟେସନର ନିର୍ମାଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ୧୯୭ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଟଙ୍କାରେ କିପରି ଭାବେ ଏହି ଷ୍ଟେସନ ନିର୍ମାଣ ହେବ ତା ନେଇ ଜିଏମ ଗଣମାଧକୁ ସୂଚନା ଦେଇଛନ୍ତି। ବିଶେଷ କରି ୧୯୭କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ଷ୍ଟେସନ ଆସନ୍ତା ୫୦ବର୍ଷ ପାଇଁ ଏହି ଡିଜାଇନ କରାଯିବ। ବାଲେଶ୍ୱର ଷ୍ଟେସନକୁ ପ୍ରତିଦିନ ୫୦ହଜାର ଯାତ୍ରୀ ଯାତାୟାତ କରିପାରିବେ। ସେମାନଙ୍କୁ ଏହି ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯାଇ ପାରିବ। ଏହାଛଡା ଷ୍ଟେସନର ଉଭୟପଟରେ ଦୁଇଟି ବଡ଼ ବଡ଼ କୋଠା ମଧ ନିର୍ମାଣ କରାଯିବ। ଏହାରି ମଧରେ ୧୮ ମିଟର ଚଉଡାର ରୁଫ ପ୍ଲାଜା ଯାହାକି ଷ୍ଟେସନ ଗୃହ ସହ ସଂଯୋଗ କରାଯିବ। ଏହାସହିତ ସର୍କୁଲାର କ୍ଷେତ୍ରରେ ଉନ୍ନତି ଏବଂ କଭର ସେଡର ଯୋଗାଣ, ଯାତ୍ରୀ ପ୍ରତୀକ୍ଷାଳୟ ମଧ ରହିବ। ଏହାସହ ଏସି ଲିଙ୍କ ନିର୍ମାଣ କରାଯିବା ସହ ୧୪ଟି ଲିଫ୍ଟର ବ୍ୟବସ୍ଥା ରହିବ। ବିଶେଷ କରି ଯେଉଁଯାତ୍ରୀମାନେ ଯିବା ଆସିବାରେ ଅସୁବିଧା ପରିଲିକ୍ଷିତ କରୁଥିବେ ସେମାନେ ଏହାର ସୁଯୋଗ ନେଇ ପାରିବେ। ଏଥିସହିତ ଏହି ମୋଡଲ



ଷ୍ଟେସନ ମଧରେ ୬ଟି ଏକ୍ସାଲେଟର ସାଙ୍ଗକୁ ୨୦ଟି ଯାତ୍ରୀମାନଙ୍କ ଯିବା ଆସିବା ସୁବିଧା ପାଇଁ ଗେଟ୍ ମଧ ରହିବ। ଏହାବ୍ୟତୀତ ୩ମିଟର ଚଉଡ଼ାର ୩ଟିଫୁଟ ଓଭର ବ୍ରିଜ ମଧ ନିର୍ମାଣ କରାଯିବ। ଯାହାକି ଏହି ରାସ୍ତା ସମସ୍ତ ପ୍ଲାଟଫର୍ମକୁ ସଂଯୋଗ ହେବ। ବିଶେଷ କରି ଏହି ମୋଡେଲ ଷ୍ଟେସନରେ ୭ହଜାର ସ୍କୋୟାରଫୁଟର ଏକ ପ୍ରଶସ୍ତ ପାର୍କିଂ ସ୍ଥଳି ରହିବା ସହ ୧୩୩କେଡବ୍ଲୁଲ ସୋଲାର ପ୍ୟାନେଲ ମଧ ରହିବ। ଏକହଜାର କେଏଲଡି ଜଳ ରିସାଇକ୍ଲିଂ ପ୍ଲାଣ୍ଟ ସମେତ ଦ୍ରବ ସେଡ୍ ମଧ ନିର୍ମାଣ କରାଯିବ। ଏହାବ୍ୟତୀତ ଏହି ମୋଡେଲରେ ପାରମ୍ପରିକ ବାଲେଶ୍ୱର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ, ଷ୍ଟେସନର ଡିଜାଇନ, ସହରର ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବ। ଏହାଛଡ଼ା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିକୃତି ମଧ ଏହି ଠାରେ ସ୍ଥାନିତ ହେବ। ଚାନ୍ଦିପୁର ବେଳାଭୂମୀ ସମେତ ମିଜାଇଲର ପ୍ରତିକୃତି ମଧ ସ୍ଥାନିତ ହେବ। ଏହାଛଡା ଆଦିବାସୀମାନଙ୍କ ସଉରା ଚିତ୍ରକଳା ପ୍ରଦର୍ଶନ ସାଙ୍ଗକୁ ସାଂସ୍କୃତିକ ସ୍ୱର୍ଶ ମଧ ରହିବ ବୋଲି ଜିଏମ ସୂଚନା ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟର ରୂପରେଖ ପାଇଁ ଆସନ୍ତା ଅଗଷ୍ଟ ମାସ ଶେଷ ସୁଦ୍ଧା ଟେଣ୍ଡରା କାର୍ଯ୍ୟ ଶେଷହେବାକୁ ଥିବା ବେଳେ ଦୁଇ ବର୍ଷ ଅର୍ଥାତ ୨୦୨୬ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧାର ସମ୍ପୂର୍ଣ୍ଣ ଭାବେ ଏହାର ନିର୍ମାଣ କାର୍ଯ୍ୟ ଶେଷହେବ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଷ୍ଟେସନର ପଛପଟରେ ଯେତେବାଟ ପର୍ଯ୍ୟନ୍ତ ରେଳବିଭାଗର ଜମି ରହିଛି ଯଦି ତାହା ଜବରଦଖଲରେ ରହିଛି ତେବେ ତାହାକୁ ମଧ ଉଚ୍ଛେଦ କରାଯିବ। ଏନେଇ ରାଜ୍ୟ

**ଅଗଷ୍ଟରେ ଶେଷ ହେବ ଟେଣ୍ଡର ପ୍ରକ୍ରିୟ**

**୨୦୨୬ ମାର୍ଚ୍ଚ ଶେଷସୁଦ୍ଧା ସରିବ ନିର୍ମାଣ କାମ**

ସରକାରଙ୍କ ସହ ଆଲୋଚନା କରାଯାଉଛି। ଅନ୍ୟପଟେ ଯାତ୍ରୀମାନେ ପୂର୍ବରୁ ଥିବା ଫୁଟ ଓଭର ବ୍ରିଜକୁ ଭାଙ୍ଗିଦିଆଯାଇଥିଲା। ଫଳରେ ସେମାନେ ଯିବା ଆସିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏଣୁ ଏହାର ନିର୍ମାଣ ପାଇଁ ସେମାନେ ଦାବି କରିଥିଲେ। ତେବେ ସେମାନଙ୍କ ଦାବି ଅନୁସାରେ ଏବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୩ରୁ ୪ମାସ ମଧରେ ଶେଷ ହେବ ବୋଲି କହିଛନ୍ତି। ଅନ୍ୟପଟେ ମାଲଗୋଦାମ ସାଇଡରେ ଥିବା ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ପାଇଁ ଆଲୋଚନା କରାଯାଉଛି। ଏବେ ଯେଉଁ ସ୍ଥାନରେ ମାଲ ଗୋଦାମ ରହିଛି ତାହାକୁ ଭଙ୍ଗା ନ ହୋଇ ତାର ରୂପ ରେଖ ବଦଳାଯିବ। ବର୍ତ୍ତମାନ ସ୍ଥିତିରେ ଷ୍ଟେସନରେ ୪ଟି ପ୍ଲାଟଫର୍ମ ରହିଛି। ତୃତୀୟ ଲାଇନ କାର୍ଯ୍ୟ ଚାଲୁ ରହିଛି। ଏହି ତୃତୀୟ ଲାଇନଟି ଏକ ନମ୍ବର ପ୍ଲାଟଫର୍ମ କଡରେ ରହିବ। ଏଣୁ ଏହାକୁ ମିଶାଇ ମୋଟ ୫ଟି ପ୍ଲାଫର୍ମ ନିର୍ମାଣ ହେବ। ଯାହାଫଳରେ ଯାତ୍ରୀମାନେ ଆଗକୁ ବିଶେଷ ଭାବେ ଅସୁବିଧାରେ ସମ୍ମୁଖୀନ ହେବେ ନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ନୂଆ ଟ୍ରେନ୍ ଚଳାଇବାର କୌଣସି ପ୍ରୋଜେକ୍ଟ ମଧନାହିଁ ବୋଲି ଜିଏମ ସୂଚନା ଦେଇଛନ୍ତି। ଏପରିକି ଗୋଟିଏ ମଡର୍ଣ୍ଣ ଷ୍ଟେସନରେ ଯାହା ସବୁ ରହିଛି ବାଲେଶ୍ୱର ଷ୍ଟେସନରେ ମଧ ତାହା ସବୁ ରହିବ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଏମ ଶ୍ରୀ ମିଶ୍ରଙ୍କ ସମେତ ଡିଆରଏମ କେଆର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଡିଭିଜିନାଲ କମରସିଆଲ ମ୍ୟାନେଜର ଓମ ପ୍ରକାଶ ଚରଣ, ପିସିଓଏମ ଦୀପକ କୁମାର ଝା, ପିସିଇଇ ନବୀନ କୁମାର, ପିସିଇ ଭିକେ ପାଣ୍ଡିଆରଙ୍କ ସମେତ ବାଲେଶ୍ୱରଷ୍ଟେସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ମିଷ୍ଟର ବାଲେଶ୍ୱର ଚାମ୍ପିଅନସିପ୍



ବାଲେଶ୍ୱର, ୧୨।୨(ସମିସ): କଳିଙ୍ଗ ବଡି ବିଲ୍ଡର୍ସ ଆସୋସିଏସନ ଅନୁବନ୍ଧିତ ଡିଷ୍ଟ୍ରିକ୍ଟ ବାଲେଶ୍ୱର ବଡି ବିଲ୍ଡର୍ସ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ମିଷ୍ଟର ଓ ମିସେସ ବାଘାଯତୀନ କ୍ଲାସିକ ଓ ଜିଲ୍ଲାସ୍ତରୀୟ ମିଷ୍ଟର ବାଲେଶ୍ୱର ଚମ୍ପିଆନସିପ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ଯୁବନେତା ମାନସ କୁମାର ଦତ୍ତ, ବିଭୂପଦ ଦାସ, ବିକ୍ରମ ପଣ୍ଡା, ଶୁଭେନ୍ଦୁ ମଙ୍ଗରାଜ, ମନୋଜ ରାଉତ, ଦେବ ଜିମ୍‌ର ମୁଖ୍ୟ ଦେବବ୍ରତ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଡିଷ୍ଟ୍ରିକ୍ଟ ବାଲେଶ୍ୱର ବଡି ବିଲ୍ଡର୍ସ ଆସୋସିଏସନର ସଭାପତି ତୁଷାରକାନ୍ତି ପଣ୍ଡା ଏଥିରେ ପୌରହିତ୍ୱ କରିଥିଲେ। ଏହି ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଯାଞ୍ଚ ପରେ ମେନ୍ସ ବେଷ୍ଟ ଫିଜିକ ସେକ୍ସନ ଓ ଶେଷରେ ବଡି ବିଲଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ବଡି ବିଲଡର୍ସ ଆସୋସିଏସନର କର୍ମକର୍ତ୍ତାମାନେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଆସୋସିଏସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଡିଷ୍ଟ୍ରିକ୍ଟ ବାଲେଶ୍ୱର ବଡି ବିଲ୍ଡର୍ସ ଆସୋସିଏସନର ସମ୍ପାଦକ ଦେବାଶିଷ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିପ୍ଳବ ଦାସ, ଦେବଜିତ ଦେ, ସୌମ୍ୟରଞ୍ଜନ ଦଳେଇ, ଦିବ୍ୟମାନସ ଜେନା, ଜ୍ୟୋତିର୍ମୟ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

**ହାତ ତିଆରି ଉପହାର ବକ୍ସ**

## ବୋତଲ କ୍ରାଫ୍ଟ, ଗିଫ୍ଟ ଓ ଅଳଙ୍କାର ବକ୍ସ'ର ବଢୁଛି ଆଦର

ବାଲେଶ୍ୱର, ୧୨।୨(ସମିସ): ଫେବୃଆରୀ ୭ ରୁ ଆରମ୍ଭ ହୋଇଯାଇଛି ପ୍ରେମ ସପ୍ତାହ। ଋତୁର ନାଁ ଭାଲେଣ୍ଟାଇନ୍। ରୋଜ୍ ଡେ, ପ୍ରୋପଜ୍ ଡେ, ଚକୋଲେଟ୍ ଡେ, ଟେଡ୍ଡୀ, ପ୍ରୋମିଜ୍ ଡେ, ହଗ୍ ଡେ, କିସ୍ ଡେ ଏବଂ ଶେଷରେ ଭାଲେଣ୍ଟାଇନ୍ ଡେ। ଏହି ପ୍ରେମ ସପ୍ତାହକୁ ବେଶ୍ ପ୍ରେମର ସହ ପାଳନ କରୁଛନ୍ତି ଯୁବପିଢ଼ି। କେବଳ ପ୍ରେମିକ ପ୍ରେମିକା ନୁହଁନ୍ତି ବରଂ ସାଙ୍ଗମାନେ ବି ଏହି ଦିନକୁ ବେଶ୍ ଉତ୍ସାହର ସହ ପାଳନ କରୁଥିବା ଦେଖିବାକୁ ମିଳୁଛି। ଗୋଲାପ ଦେବାକୁ ଆରମ୍ଭ କରି ଚକୋଲେଟ୍ ଏବଂ ଟେଡ୍ଡୀ ବି ଦିଆନିଆ ହୋଇଛନ୍ତି। ତେବେ ଏହି ଭାଲେଣ୍ଟାଇନ୍ ଋତୁରେ ପ୍ରେମ ଭରା ହାତ ତିଆରି ଉପହାର ବାକ୍ସ ଉପହାରରେ ଦେବା ପାଇଁ କିଣୁଛନ୍ତି। ବାଲେଶ୍ୱର ସହରର ସତ୍ୟ ନଗରରେ ରହୁଥିବା ଅନୁପମା ଦାସମହାପାତ୍ରଙ୍କ ହାତ ତିଆରି ଉପହାର ବାକ୍ସ ଏହି ଭାଲେଣ୍ଟାଇନ୍ ଡେ ରେ ଅଧିକ ଅର୍ଡର ଆସିଛି। ଭାଲେଣ୍ଟାଇନ୍ ସପ୍ତାହ ପାଇଁ ଅନୁପମା ବିଭିନ୍ନ ପ୍ରକାରର ହାତ ତିଆରି ଉପହାର ବାକ୍ସ ପ୍ରସ୍ତୁତ କରିଛନ୍ତି। ବିଶେଷକରି ଉଭୟ ପୁଅ ଓ ଝିଅଙ୍କ ପାଇଁ ଉପହାର ବାକ୍ସ ରହିଛି। ଚକୋଲେଟ୍ ବକ୍ସ ଏବଂ ଇୟର୍ ରିଙ୍ଗ୍ ବକ୍ସ ପ୍ରସ୍ତୁତ ତିଆରି କରିଛନ୍ତି। ଏହି ଇୟର ରିଙ୍ଗ୍ ବକ୍ସରେ ନେକଲେସ୍, ମୁଦି, ଚୁଡି ସହିତ କଷ୍ଟୋମାଇଜ୍ କରି ହାତରେ ସଜେଇ ପ୍ରସ୍ତୁତ କରୁଛନ୍ତି। ଏହି ବାକ୍ସ ପାଇଁ ମଧ ତାଙ୍କୁ ଅର୍ଡର ଆସିଛି। ଏହାବ୍ୟତୀତ ଏହି ଭାଲେଣ୍ଟାଇନ୍ ସପ୍ତାହରେ ଅଧିକ ଫଟୋଫ୍ରେମ୍, ବୋଟଲ୍





କ୍ରାଫ୍ଟ ଏବଂ ଗିଫ୍ଟ ବକ୍ସ ତିଆରି ପାଇଁ ଅର୍ଡର୍ ଆସିଛି। ଏହି ସମସ୍ତ ଉପହାରର ଦ୍ର ୪୯୯ ରୁ ଆରମ୍ଭ ହୋଇ ୪୯୯୯ ଏବଂ ୬୯୯୯ ପର୍ଯ୍ୟନ୍ତ ରହିଛି। ଏପର୍ଯ୍ୟନ୍ତ ଅନୁପମା ଅର୍ଡର ଆସିଥିବା ୨୪ ରୁ ଅଧିକ ଗିଫ୍ଟ ତିଆରି କରିସାରିଛନ୍ତି। "ତେବେ ଏହି ପ୍ରେମ ସପ୍ତାହରେ ଦୋକାନରେ ଉପହାର କିଣିବା ଅପେକ୍ଷା ଅଧିକ ମାତ୍ରାରେ ହାତ ତିଆରି ଅର୍ଥାତ୍ ହସ୍ତଶିଳ୍ପ ଉପହାର କିଣିବାକୁ ପସନ୍ଦ କରୁଛନ୍ତି। ବିଶେଷକରି ଗିଫ୍ଟ ବକ୍ସ। ଯେଉଁ ବାକ୍ସରେ ଟେଡ୍ଡି, ଚକୋଲେଟ୍, ବୁକ୍, ନିଜର ଫଟୋ ସହ ଫୁଲ ଓ କିଛି ମିଠା କୋଟେସନ୍ ବି ରହୁଛି। ସେହିଭଳି ଝିଅଙ୍କ ପସନ୍ଦ ପାଇଁ ଜୁୟେଲାରୀ ବକ୍ସ ଏଥର ନୂଆକରି ଅନୁପମା ତିଆରି କରୁଛନ୍ତି। ଯାହା ଝିଅମାନଙ୍କର ମନ ପସନ୍ଦର ଗହଣା ଗୋଟେ ବାକ୍ସ ରେ ରହିବା ସହ ଫଟୋ ମଧ ରହିବ। ଏଥିସହିତ ସେହି ବାକ୍ସକୁ ସଜାଯାଇଥିବ। ଏହାକୁ ଅଧିକ ପସନ୍ଦ କରୁଥିବା ଜଣାପଡ଼ିଛି। ଏହାବ୍ୟତୀତ ଫଟୋଫ୍ରେମ୍, ପାମ୍ ଆର୍ଟ, କପଲ୍ ଚିତ୍ର, ବୋତଲ ପେଣ୍ଟିଙ୍ଗ୍, ଚକୋଲେଟ୍ ଟାଓ୍ବାର୍, ଏକ୍ସପ୍ଲୋଜନ୍ ଗିଫ୍ଟ ବକ୍ସ ଆଦି ତିଆରି ପାଇଁ ମଧ ଅନୁପମାଙ୍କ ପାଖକୁ ଅର୍ଡର ଆସୁଛି।

## ପଦାର୍ଥ ବିଜ୍ଞାନ ଓ ବାଲିଷ୍ଟିକ୍ ସମ୍ପର୍କିତ ଜାତୀୟ ସମ୍ମିଳନୀ

ବାଲେଶ୍ୱର, ୧୨।୨(ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଶା ଫିଜିକାଲ୍ ସୋସାଇଟିର ୪୦ତମ ବାର୍ଷିକ ସମ୍ମିଳନୀ ଓ ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକତା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ, ପରମାଣୁ ଶକ୍ତି ଆୟୋଗ, ଭାରତ ସରକାରଙ୍କ ସଚିବ, ପରମାଣୁ ଶକ୍ତି ବିଭାଗର ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇ ଥିଲେ। ଗ୍ରାଫାଇଟର ଆଧୁନିକ ଗବେଷଣା ବିଷୟରେ ମତଦେଇ ଏହାକୁ ଏକ ଦୁର୍ଲଭ ଓ ଆଶ୍ଚର୍ଯ୍ୟ ସାମଗ୍ରୀ ରୂପେ ବର୍ତ୍ତମାନ ଶିଳ୍ପ ତଥା ଚିକିତ୍ସା ବିଜ୍ଞାନରେ ଉପଯୋଗ କରାଯାଇପାରୁଛି ବୋଲି ସୂଚିତ କରାଇଥିଲେ। ଟପୋଲୋଜିକାଲ୍ ଇଲେକ୍ଟ୍ରୋନିକ୍ସ ସମ୍ପର୍କିତ ତଥ୍ୟ ରଖିବା ସହ ଏହାର ମୌଳିକ ଅଧୟନ ଓ ପ୍ରୟୋଗ ବିଷୟରେ ଦୃଷ୍ଟିପାତ କରିଥିଲେ। ସେ ପ୍ରକାଶ କରିଥିଲେ ଯେ, ବିଶ୍ୱର ମାତ୍ର ୫ ପ୍ରତିଶତ ପ୍ରାକୃତିକ ବିଜ୍ଞାନକୁ ଏଯାବତ ଆମେ ଜାଣିପାରିଛେ, ଆହୁରି ୯୫ ପ୍ରତିଶତ ଜାଣବା ବାକି ରହିଛି। ଏଥିପାଇଁ ଆମକୁ ଭୂତଳ ଓ ଖଣିଜପଦାର୍ଥର ଅଧିକ



ଗବେଷଣା ସହ ମହାକାଶ ବିଜ୍ଞାନକୁ ପ୍ରାଧାନ୍ୟ ଦେବାକୁ ହେବ। ଭବିଷ୍ୟତରେ ଅଧିକ ସ୍ପେସ୍ ଷ୍ଟେସନ ଗଠନ ହେବା ନେଇ ମତପୋଷଣ କରିଥିଲେ ଓ ତତସହିତ 'ପୃଥିବୀର ସୁରକ୍ଷା: ଗୋଟିଏ ଗ୍ରହ, ଗୋଟିଏ ପରିବାର ଓ ଗୋଟିଏ ଭବିଷ୍ୟତ' ର ଆକ୍ଷରିକ ଅର୍ଥ ବୁଝାଇ କହିଥିଲେ। ଏହାପରେ ସୌର ଶକ୍ତିର ସଂରକ୍ଷଣ ତଥା ହାଇଡ୍ରୋଜେନ ସହ ପରମାଣୁ ମିଶ୍ରଣ ଓ ମାଗ୍ନେଟିକ ପ୍ଲାଜମା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ବୈଜ୍ଞାନିକ ଭାବରେ, ଡ. ସୁଚିସ୍ମିତା ସାହୁ ଓ ଡ. ହମାଦ୍ରୀ ତନୟା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବାଙ୍ଗାଲୁରୁ ସ୍ଥିତ ଏମ୍ଏଲଏ କଲେଜର ପ୍ରଫେସର ଏସ୍‌ସାହୁ ଏକ ପ୍ରଧାପନା ଉପସ୍ଥାପନା କରିଥିଲେ। ଡ. ନିଳାଦ୍ରୀ ରାଏ, ୟୁନିଭର୍ସିଟି ଅଫ୍ ମେରିଲ୍ୟାଣ୍ଡ ସ୍କୁଲ ଅଫ୍ ମେଡିସିନର ଡା. ନୃସିଂହ ସି. ବିଶ୍ୱାଳ, ବିଏଆରସି, ମୁମ୍ବାଇର ବୈଜ୍ଞାନିକ ଡ. ପ୍ରକାଶ ଚନ୍ଦ୍ର ରାଉତ, ଆରଆରସିଏଟି, ଇନ୍ଦୋରର ବୈଜ୍ଞାନିକ ଡ. ସୂର୍ଯ୍ୟପ୍ରକାଶ ରାମ ପ୍ରମୁଖ ପଦାର୍ଥ ବିଜ୍ଞାନ ଓ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ସଂଯୋଜକ ପ୍ରଫେସର ଏମସି ଅଧିକାରୀ, ପୂର୍ବତନ ପ୍ରଫେସର ଆର୍ ପାଇକରାୟ, ଜେ କେ ନାୟକ (ଭିଇସିସି), ବି ନାୟକ ( ଏଫଏମୟୁ), ପ୍ରଫେସର ଜି ନାଥ( ଭିଏସଏସୟୁଟି) ଓ ଏଚ୍‌ବି ନାୟକ (ଏଫଏମୟୁ) ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀକୁ ଡ.ସନ୍ତୋଷ କୁମାର ଅଗ୍ରୱାଲା, ଡ. ଡିକେ ମିଶ୍ର ଓ ଡ. ଆର୍ ବିଶ୍ୱାଳ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ସମ୍ମୁଖରେ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜିତ ହୋଇଥିବା ବେଳେ, ମିସାଇଲ୍ ଟେକ୍ନୋଲୋଜିର ଯନ୍ତ୍ର ଏବଂ ମଡେଲଗୁଡିକର ପ୍ରଦର୍ଶନୀ ସ୍ନାତକ ପରିଷଦ ସମ୍ମିଳନୀକକ୍ଷ-୨ ରେ କରାଯାଇଥିଲା। ଏଥିରେ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ବିଶେଷଜ୍ଞ ତଥା ଅଧିକାରୀମାନେ ପ୍ରଦର୍ଶନୀରେ ଉପସ୍ଥିତ ହୋଇ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ପ୍ରତିରକ୍ଷାରେ ନିୟୋଜିତ ଯନ୍ତ୍ରର ବ୍ୟବହାର ବିଷୟରେ ଦର୍ଶକମାନଙ୍କୁ ସୂଚନା ଦେଇଥିଲେ।

## ମହିଳା କଲେଜର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୨।୨(ସମିସ): ସ୍ଥାନୀୟ ଟାଉନହଲ ଠାରେ ଥିବା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୀମାରେଖା ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘଡେଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ କଲେଜର ବାର୍ଷିକ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ କହିବା ସହ ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରୀମାନଙ୍କ ମଧରେ ଏକ ଏକତା ସୃଷ୍ଟି ହୋଇପାରିବ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ଅମୃତାଂଶୁ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଅଧାପିକା ଜ୍ୟୋତ୍ସ୍ନାରାଣୀ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରାଧାପିକା ଡ ନବିନିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦିବାସୀ ମେଳା 'ପରବ'-୨୦୨୪ ଉଦ୍‌ଘାଟିତ




ବାଲେଶ୍ୱର, ୧୨।୨(ସମିସ)

ବଡ଼ପାଳ ପଞ୍ଚାୟତ ଅଧୀନ ସମସ୍ତ ଆଦିବାସୀ ଭାଇମାନଙ୍କୁ ନେଇ ଗଢ଼ା ଯାଇଥିବା 'ଆଦିବାସୀ ଉନ୍ନୟନ କମିଟି ବଡ଼ପାଳ' ତରଫରୁ ପରବ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ପରବକୁ ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ କୁମାର ଦାସ ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ପ୍ରତାପ ଚନ୍ଦ୍ର ପଣ୍ଡା, ବଡ଼ପାଳ ପଞ୍ଚାୟତ ସରପଞ୍ଚ ଇଂ କମଳ ଲୋଚନ ପଣ୍ଡା, ସଭାପତି ସନ୍ତୋଷ କୁମାର ମାଝୀ, ସମ୍ପାଦକ ଜଳଧର ସିଂ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପରେ ଆଦିବାସୀ ସମ୍ପ୍ରଦାୟର ପ୍ରତିଭାମାନ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସୁନାରାମ୍ ମାଝୀ, ରଘୁନାଥ ମାଝୀ, ରମଣୀ ମାଝୀ, ଇନ୍ଦ୍ର ସିଂ, ମଦନ ମାଝୀ, ଦୂଲା ମାଝୀ ରିବୁ ସିଂ, ପିଠ ସିଂଙ୍କ ସମେତ ସମସ୍ତ ଆଦିବାସୀ କମିଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ସହରର ଗଳିକନ୍ଦିରେ ଅଳିଆ**

## ରାସ୍ତାରେ ପଡ଼ିରହୁଛି ଆବର୍ଜନା, ଜାମ୍ ହେଉଛି ଡ୍ରେନ୍

ବାଲେଶ୍ୱର, ୧୨।୨(ସମିସ): ସହରର ରାସ୍ତାଘାଟ, ଗଳିକନ୍ଦି ହେଉ ଅବା ନାଳ...ସବୁଠି ଅଳିଆ ଗଦା। ଦିନକୁ ଦୁଇଥର ଅଳିଆ ଗାଡ଼ି ଘରକୁ ଘର ଅଳିଆ ନେବାକୁ ଆସୁଛି। ଏଥିସତ୍ତ୍ୱେ ରାସ୍ତାକଡ଼ରେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି। ଅନ୍ୟପଟେ ଡଷ୍ଟବିନ୍ ନଥିବାରୁ ଅଳିଆ ରାସ୍ତାରେ ପକାଉଛନ୍ତି ଦୋକାନୀ। ଗୋଟିଏ ପରେ ସହରରେ ସ୍ୱଚ୍ଛତା ଦାୟିତ୍ୱ ନେଇଥିବା ପ୍ରତ୍ୟୁଷ ଏଜନ୍ସି ପକ୍ଷରୁ ଡଷ୍ଟବିନ୍ ଦିଆଯିବାର ବ୍ୟବସ୍ଥା ନ ଥିବାବେଳେ ସହରବାସୀ ଛକ ଛକରେ ଡଷ୍ଟବିନ୍ ରଖିବାକୁ ଦାବି କରୁଛନ୍ତି।

**ସଚେତନ ହେଉନାହାନ୍ତି ଲୋକେ**

ସୂଚନାଯୋଗ୍ୟ, ୯ ନମ୍ବର ୱାର୍ଡ ପୁଲିସ ଲାଇନ ଛକ ଟ୍ରାଫିକ ଥାନା ସାମ୍ନା ଡ୍ରେନ୍ ଜାମ୍ ହୋଇରହିଛି। ଡ୍ରେନ୍‌ରେ ବହୁ ମାସ ଧରି ବିଦ୍ୟୁତ ଖୁଣ୍ଟ ସହ ପଥର ପଡ଼ିରହିଛି। ଏଥିସହିତ ଡ୍ରେନ୍ ରେ ଅଳିଆ ଆବର୍ଜନା ମଧ ପକାଯାଇଛି। ସେହିପରି ୧୯ ନମ୍ବର ଓ୍ବାର୍ଡ ଷ୍ଟେସନ୍ ଛକ ସାଇ ମନ୍ଦିର ପାଖକୁ ଲାଗି ଥିବା ଗଳି। ଯାହା ଭାସ୍କରଗଞ୍ଜ-ଏକୁ ରାସ୍ତା ଯାଇଛି। ଯାହା ଫକୀରମୋହନ ଗୋଲେଇ ନିକଟରେ ପହଞ୍ଚିଛି। ସେମିତି ସବୁଦିନ ପଡୁଛି ଅଳିଆ। ସକାଳ ହେଉକି ସନ୍ଧ୍ୟା ସବୁ ସମୟରେ ରାସ୍ତାକୁ ଖେଳେଇ ହୋଇ ଅଳିଆ ପଡୁଛି। ଫଳରେ କୁକୁର, ଗାଈଗୋରୁ





ଟାଣି ରାସ୍ତାରେ ମେଲାଇ ଦେଉଛନ୍ତି। ଏ ସମ୍ପର୍କରେ ୧୯ ନମ୍ବର ଓ୍ବାର୍ଡ କାଉନସିଲର ଶୋଭା ମହାପାତ୍ର କହିଛନ୍ତି, ଆମ ଅଞ୍ଚଳରେ ତିନୋଟି ଜାଗା ଅଳିଆ ଉଠାଇବା ପଏଣ୍ଟ ରହିଛି। ପ୍ରତିଦିନ ଦୁଇ ଥର ଅଳିଆ ଗାଡ଼ି ଆସୁଛି। ତାପରେ ବି ଲୋକମାନେ ସଚେତନ ହେଉନାହାନ୍ତି। ସେଥିପାଇଁ ଗଳିକନ୍ଦିରେ ଏବେବି ଅଳିଆ ପଡ଼ି ରହୁଛି। ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର କହିଛନ୍ତି, ସହରକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପୌରପାଳିକା ତଥା କାଉନସିଲରମାନେ ସତ ଚେଷ୍ଟା କଲେ ବି ବିଫଳ ଦେଖାଯାଉଛନ୍ତି। କାରଣ ଲୋକମାନଙ୍କର ଅଭ୍ୟାସ ବଦଳୁନି। ସେହିପରି ୨୭ ନମ୍ବର ୱାର୍ଡ କାଉନସିଲର ପଦ୍ମଲୋଚନ ଲେଙ୍କା କହିଛନ୍ତି, ଆଗରୁ ଯେଉଁ ଏଜେନ୍ସି ଥିଲା ସେମାନେ ରାସ୍ତା କଡ଼ରେ ଡଷ୍ଟବିନ୍ ରଖୁଥିଲେ। ମାତ୍ର ଏବେ ଯେଉଁ ଏଜେନ୍ସି ଦାୟିତ୍ୱ ନେଇଛି ସେମାନେ ଘରୁ ଘରୁ ଅଳିଆ ସଂଗ୍ରହ କରୁଛନ୍ତି। ସେଥିପାଇଁ ଆଉ ରାସ୍ତା କଡ଼ରେ ଡଷ୍ଟବିନ୍ ରହୁନାହିଁ। ବିଭିନ୍ନ ୱାର୍ଡରେ ପଏଣ୍ଟ କରାଯାଇ ସେଠାରୁ ଅଳିଆ ଉଠାଯାଉଛି। ଏଥିସହିତ ଦିନରେ ଥରେ ଟ୍ରାକ୍ଟର ମଧ ଅଳିଆ ଉଠାଉଛି। ଏସବୁ ପରେ ବି ଲୋକମାନେ ସଚେତନ ହେଉନାହାନ୍ତି। ଅଳିଆ ଆଣି ରାସ୍ତା କଡ ନହେଲେ ସିଧାସଳଖ ଡ୍ରେନ୍ ରେ ପକାଇ ଦେଉଛନ୍ତି। ଯାହା ଫଳରେ ରାସ୍ତା ଅସୁନ୍ଦର ହେବା ସହ ଡ୍ରେନ୍ ଜାମ୍ ହୋଇଯାଉଛି। ତେଣୁ ସହରବାସୀ ସଚେତନ ହେବା ନିହାତି ଜରୁରୀ। ୩୦ ନମ୍ବର ୱାର୍ଡ କାଉନସିଲର ଭାରତୀ ପାତ୍ର କହିଛନ୍ତି, ଆମେ କାଉନସିଲର ବୈଠକରେ ଅନେକ ଥର ଡଷ୍ଟବିନ୍ ରଖିବା କଥା ଉଠାଇଛୁ। ହେଲେ ୱାର୍ଡ଼କୁ ଡଷ୍ଟବିନ୍ ଦିଆଯାଉନାହିଁ।

ଝାଡେଶ୍ୱର ମନ୍ଦିର ପଛ, ରାଣୀପାଟଣା ସ୍ଥିତ ନର୍ସରୀ ସ୍କୁଲ ଆଦି ନିକଟରେ ଅଳିଆ ପଡ଼ିରହୁଛି। ୧୮ ନମ୍ବର୍ ୱାର୍ଡର ନୂଆ ବଜାର ନିକଟରେ ଥିବା ଗୋଷ୍ଠୀ ଶୌଚାଳୟ ସାମ୍ନାରେ ଗଦା ଗଦା କଳିଆ ରାସ୍ତା ଓ ନାଳରେ ପଡୁଛି। ପୌରପାଳିକା ପକ୍ଷରୁ ଅଳିଆ ଉଠାଇବା ପରେ ସେହି ରାସ୍ତା ଦେଇ ଯାତାୟାତ କରିବା ଅସମ୍ଭବ ହୋଇପଡୁଛି। ସେହିଭଳି ୧୯ ନମ୍ବର ୱାର୍ଡର ଷ୍ଟେସନ ଛକ ନିକଟ ସାଇ ମନ୍ଦିର ପାଖ ଗଳିରେ ଅଳିଆ ପଡ଼ି ରହୁଛି।

ଯଦି ବିଭିନ୍ନ ୱାର୍ଡର କିଛି ଛକ ଜାଗାରେ ଡଷ୍ଟବିନ୍ ରଖାଯିବ ତେବେ ସେଥିରେ ଲୋକମାନେ ହେଉ ଅବା ଦୋକାନୀ ଅଳିଆ ପକାଇପାରିବେ। ନହେଲେ ଏତେ ସ୍ୱଚ୍ଛତା ପରେ ବି ରାସ୍ତା ଉପରେ ଅଳିଆ ପଡ଼ିରହିବା ନିଶ୍ଚୟ ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି ବୋଲି ସହରବାସୀ ମନିଶ ଜେନା କହିଛନ୍ତି।

# ଦୁର୍ଗମ ଅଞ୍ଚଳକୁ ଗଡ଼ିଲା ଲକ୍ଷ୍ମୀ ବସ୍

## ଗାଁରୁ ସହରକୁ ଗମନାଗମନର ସୁବିଧା

କେନ୍ଦୁଝର, ୧୨।୨(ସମିସ)

କେନ୍ଦୁଝର ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍। ମାତ୍ର ୫ ଟଙ୍କାରେ ସଦର ମହକୁମାରେ ପହଞ୍ଚି ପାରିବେ ଅଗମ୍ୟ ଅଞ୍ଚଳର ଲୋକ। ଯେଉଁମାନେ ସଦର ମହକୁମାରେ ଯିବା ପାଇଁ କୋଶେ କୋଶେ ବାଟ ଚାଲିବାକୁ ପଡୁଥିଲା, ଘଣ୍ଟା ଘଣ୍ଟା ଧରି ଗାଡ଼ିକୁ ଅପେକ୍ଷା କରିବାକୁ ପଡୁଥିଲା, ଏବେ ସେହିମାନେ ମାତ୍ର ୫ ଟଙ୍କାରେ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ। ଘର ପାଖରୁ ମିଳିବ ଗାଡ଼ିର ସୁବିଧା। ଗାଁରୁ ସହରକୁ ଗମନାଗମନର ସୁବିଧା ପାଇଁ 'ଘରେ ଘରେ ଲକ୍ଷ୍ମୀ' କାର୍ଯ୍ୟକ୍ରମରେ ଆଜି କେନ୍ଦୁଝର ଜିଲ୍ଲାକୁ ଦିଆଯାଇଛି ୨୫ଟି ବସ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଜି ଆଭାସୀ ଜରିଆରେ କେନ୍ଦୁଝରବାସୀଙ୍କୁ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଅଧ୍ୟକ୍ଷ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ଲୋକ ତଥା ମା'ମାନଙ୍କର ଗମନାଗମନ ସୁବିଧା ପାଇଁ ଲକ୍ଷ୍ମୀ ବସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ଲକ୍ଷ୍ମୀ ବସ୍ ଶୁଭାରମ୍ଭ ସମୟରେ କେନ୍ଦୁଝର ମଞ୍ଚରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ,

> **ଶୁଭାରମ୍ଭ ହେଲା ୨୫ଟି ଲକ୍ଷ୍ମୀ ବସ୍**
>
> **ଉପକୃତ ହେବେ ୧୫୮ ପଞ୍ଚାୟତର ଲୋକ**

ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଅଧ୍ୟକ୍ଷ ଲକ୍ଷ୍ମୀ ନାଏକ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦ ସଭାପତି ସାଗରିକା ସାହୁ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାୟକ ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ମୀ ବସ୍ ଯୋଜନା ଗ୍ରାମାଞ୍ଚଳରୁ ସହରକୁ ଗମନାଗମନର ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ ଏହା ଏକ ଐତିହାସିକ ଯୋଜନା ବୋଲି କହିଥିଲେ। ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୫୮ ଗ୍ରାମପଞ୍ଚାୟତର ୧୦ ଲକ୍ଷ ୮୦ ହଜାର ଲୋକ ଏଥିରେ ଉପକୃତ ହେବେ ବୋଲି ସେ କହିଥିଲେ। ଏଥିସହ ଗ୍ରାମଞ୍ଚଳର କୃଷକ ମା' ଓ ବନ୍ୟଜତ ଦ୍ରବ୍ୟ ସଂଗ୍ରହକାରୀ ମାନେ ମାତ୍ର ୫ ଟଙ୍କାରେ ଗାଁରୁ ସହରକୁ ଯାଇ ଆସିପାରିବେ ବୋଲି କହିଥିଲେ। ସଭାମଞ୍ଚ ନିକଟରୁ ସଦର ବ୍ଲକର ଶିରିଶପାଳକୁ ପ୍ରଥମ ବସ୍ ଗଡ଼ିଥିଲା। ବୋଦାପଲସା ପର୍ଯ୍ୟନ୍ତ ଯାଇଥିବା ବସ୍‌ରେ ଅନ୍ୟ ଲୋକମାନଙ୍କ ସହିତ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏସଡିସି ଅଧକ୍ଷା ଲକ୍ଷ୍ମୀ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ଏସ୍‌ପି ନିତିନ କୁଶଲକର, ଡିଏଫ୍‌ଓ ଏର୍‌ଡି ଧନରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ବସି ଯାଇଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।

















## ଅଧାରେ ରହିଗଲା ମାଟ୍ରିକ୍ ସ୍ୱପ୍ନ

## ଗାଡ଼ି ଧକ୍କାରେ ଦଶମ ଶ୍ରେଣୀ ଛାତ୍ରର ମୃତ୍ୟୁ

ରାମଚନ୍ଦ୍ରପୁର, ୧୨।୨(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ଖଲଣା ଛକ ନିକଟରେ ଆଜି ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବ୍ରାହ୍ମଣଦା ଗାଁର ନାରାୟଣ ସାଙ୍କ ପୁଅ ଶୁଭମ ସା(୧୬) ସମ୍ପର୍କୀୟ ଭଉଣୀ ସହିତ ଏକ ସ୍କୁଟି ଯୋଗେ ସାଇଁକୁଳ ବଜାରକୁ ଏମ୍‌ବିଡି କିଣିବାକୁ ଯାଉଥିବା ସମୟରେ ପଛ ପଟୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ଶୁଭମଙ୍କର ମୃତ୍ୟୁ ହୋଇଯାଇଥିଲା। ଯୁବତୀ ଜଣକ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଶୁଭମ୍‌କୁ ମୃତ ଘୋଷଣା କରିଥିଲେ। ଶୁଭମ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ଅଧାରେ ରହିଗଲା ମାଟ୍ରିକ ସ୍ୱପ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିଟିକୁ ତୁରନ୍ତ ଧରିବା ସହ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବାକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ଖୋଳତାଡ ଆରମ୍ଭ କରିଛନ୍ତି। ସେପଟେ ପୁଲିସ ହସନପୁର ଟୋଲପ୍ଲାଜାର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଗାଡିକୁ ଧରିବାକୁ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି।

## ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ସୋସୋ, ୧୨।୨(ସମିସ): 'ନୂଆ-ଓ' ଯୋଜନାରେ ଆୟୋଜିତ ଓଡ଼ଆ ସାହିତ୍ୟ ପ୍ରତିଯୋଗିତା ହାଟଡିହି ବ୍ଲକ ସଡ଼ଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟାପିକା ପୁଷ୍ପିତା ପହିଙ୍କ ସଂଯୋଜନାରେ ଅଧ୍ୟକ୍ଷ ସୁବ୍ରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେପାଲଗାୟକ ଗୋବିନ୍ଦ ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା, ପ୍ରାସଙ୍ଗିକତା ତଥା ଭବିଷ୍ୟତ ବିଷୟରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ, ଅନାଥ ଚରଣ ସେଠୀ, ଅତୁଲ କୁମାର ଜେନା, ଆଲୋକ କୁମାର ଭୋଇ, ଅଧ୍ୟାପିକା ସ୍ୱାଗତିକା ମହାନ୍ତି ପ୍ରମୁଖ ଭାଷାର ଗୁରୁତ୍ୱ ଉପରେ ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ବିଜେତା ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଷ୍ଣୁ ଚରଣ ମହାରଣା, ତ୍ରିଲୋଚନ ରାଉଳ, ରାଧାଶ୍ୟାମ ସା, ରବି ନାରାୟଣ ବଳ ସହଯୋଗ କରିଥିଲେ।

## ସାଲନ୍ଦୀ ମହୋତ୍ସବ ଉଦ୍‌ଯାପିତ

ସୋସୋ, ୧୨।୨(ସମିସ)



ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ସାଲନ୍ଦୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହୋତ୍ସବର ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡିଆଇଇଟିର ଅଧ୍ୟକ୍ଷ କାର୍ତ୍ତିକ ଚରଣ ରାଉଳ, ମୁଖ୍ୟବକ୍ତା ପାଇ ମୋହୁରା ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ନଟବର ଜେନା, ନାଟ୍ୟ ନିର୍ଦ୍ଦେଶକ ଗୋପିନାଥ ପାଢ଼ୀ, ଶିକ୍ଷାବିତ ନୃତ୍ୟ ନିର୍ଦ୍ଦେଶକ ଶଙ୍ଖାଳି ଚରଣ ରାଉଳ, ସମାଜସେବୀ ପ୍ରଶାନ୍ତ କୁମାର ସେଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗଣେଶ ଚନ୍ଦ୍ର ଜେନା, ଗୌରାଙ୍ଗ ଚରଣ ରାଉତ, ସୋମନାଥ ରାଉତ, ଚୈତନ୍ୟ ମହାପାତ୍ର, ବିଜୟ ବେହେରା ମଞ୍ଚ ପରିଚାଳନା କରିଥିଲେ। ୪ଦିନ ଧରି ଚାଲିଥିବା ମହୋତ୍ସବ ଉଦ୍‌ଯାପିତ ହୋଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ବିଶ୍ୱକର୍ମା ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ବର୍ଷାରାଣୀ ଜେନା, ବିଜୟଲକ୍ଷ୍ମୀ ଦାସ, ମାମୁନି ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବସନ୍ତ ପେଡ଼ା, ଉତ୍ତମ ବେହେରା, ଲମ୍ବୁ ଖମାରୀ, ବସନ୍ତ ଧଳ, ଶତ୍ରୁଘନ ରାଉତ ପ୍ରମୁଖ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଆତଙ୍କ ଖେଳାଇଲେ ହାତୀପଲ

## କଳିଙ୍ଗା ଚକଦରସାହିରେ ୯ ଘର ଭାଙ୍ଗିଲେ

ବାଲିବନ୍ଧ, ୧୨।୨ (ସମିସ)

ହାତୀପଲ ଗାଁରେ ପଶି ଏକାଧିକ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଘଣ୍ଟାଘଣ୍ଟା ଧରି ଆତଙ୍କ ଖେଳାଇବା ପରେ ମଧ ବନବିଭାଗ କର୍ମଚାରୀ ଠିକଣା ସମୟରେ ପହଞ୍ଚି ପାରୁ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏଭଳି ଅଭାବନୀୟ ଘଟଣା ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ କଳିଙ୍ଗା ଚକଦରସାହିରେ ଦେଖିବାକୁ ମିଳିଛି। ତେବେ ରବିବାର ବିଳମ୍ବିତ ରାତିରେ ୧୭ଟିକିଆ ହାତୀପଲ କଳିଙ୍ଗା ଚକଦରସାହିରେ ପଶି ୯ଟି ଘରର କାନ୍ଥ, କବାଟ, ଝରକା ଆଦି ଭାଙ୍ଗି ଧାନ, ଚାଉଳ ଖାଇଯିବା ସହ ଆସବାବପତ୍ର ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବହୁକଷ୍ଟରେ ହାତୀ କବଳରୁ ଜୀବନ ବଞ୍ଚାଇଥିବା ବେଳେ ରାତି ସାରା ହାତୀପଲଙ୍କୁ ଘଉଡ଼ାଇବା ପାଇଁ ନାକେଦମ୍ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମାବାସୀ। ଏହି ୧୭ଟିକିଆ ହାତୀପଲ ପ୍ରଥମେ ଗଙ୍ଗାଧର ମହାନ୍ତଙ୍କ ଘରେ ଝରକା ଭାଙ୍ଗିଥିଲେ। ଏହାପରେ ସୈରେନ୍ଦ୍ରୀ ନାଏକ, ବୈକୁଣ୍ଠ ମହାନ୍ତ, ଲୋକନାଥ ମହାନ୍ତ, ଅଳତୀ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ଗୁଣନିଧି ନାଏକ, ରଜନୀ ମହାନ୍ତ, ଯଦୁମଣି ନାଏକ ପ୍ରମୁଖଙ୍କ ଘର ଆକ୍ରମଣ କରି ଝରକା, କବାଟ, କାନ୍ଥ ଆଦି ଭାଙ୍ଗି ଧାନ ଚାଉଳ ଖାଇଥିଲେ। କିଛି ଲୋକଙ୍କ ଫ୍ରିଜ୍, କୁଲର ଆଦି ଆସବାବ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ହାତୀପଲ ୧୦କ୍ୱିଣ୍ଟାଲରୁ ଅଧିକ ଧାନ ଖାଇଯିବା ସହ ବାହାରେ ବ୍ଲିଚିଂ ନଷ୍ଟ କରି ଦେଇଥିବା ପ୍ରକାଶ କରିଛନ୍ତି ବୈକୁଣ୍ଠ ମହାନ୍ତ।

କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି ହୋଇଛି। ଚମ୍ପୁଆ ଆଡୁ ଏହି ୧୭ ଟିକିଆ ହାତୀପଲ ବାଲିବନ୍ଧ ସେକ୍ସନରେ ପ୍ରବେଶ କରିଥିବା ବାଲିବନ୍ଧ ଫରେଷ୍ଟର ବୁଲୁ ନାହାକ ପ୍ରକାଶ କରିଛନ୍ତି। ହାତୀପଲ ବର୍ତ୍ତମାନ ମଣଦା ଜଙ୍ଗଲରେ ରହିଥିବା ଫରେଷ୍ଟର ଶ୍ରୀ ନାହାକ ସୂଚନା ଦେଇଛନ୍ତି।



## ଶ୍ରମିକଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ଜଳେଶ୍ୱର, ୧୨।୨(ସମିସ): ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପୂର୍ବକ ପଦକ୍ଷେପ ନେବାପାଇଁ ଜଳେଶ୍ୱର ସିଆଇଟିୟୁ ତରଫରୁ ସୋମବାର ପୂର୍ବାହ୍ନରେ ବାଲିଆପାଳ ପଞ୍ଚାୟତ ସମିତିରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ବିଶେଷ କରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନିଯୁକ୍ତ କରିବା, କମ୍ପ୍ୟୁଟର, ଜେନେରେଟର ଆଦି ଉପକରଣ ଯୋଗାଇ ଦେବା, ଶ୍ରମିକ ପରିଚୟ ପତ୍ର ତଥା ସହାୟତା ପାଇବା ପାଇଁ ଅନଲାଇନ ପ୍ରକ୍ରିୟା ବ୍ୟବସ୍ଥାକୁ ସରଳୀକରଣ କରିବା, ଅନଲାଇନରେ ବ୍ଲକରୁ ମ୍ୟାରେଜ ଭେରିଫିକେସନ କରିବାର ବ୍ୟବସ୍ଥା ସହ ସ୍ଥାୟୀ ଡିଏଲସି ନିଯୁକ୍ତି ପାଇଁ ଦାବି କରାଯାଇଛି। ସ୍ଥାୟୀ ଡିଏଲସି ନ ଥିବାରୁ କାର୍ଯ୍ୟପାଇଁ ଆସୁଥିବା ଶ୍ରମିକମାନେ ବହୁ ଅସୁବିଧାରେ ପଡୁଥିବାବେଳେ ସେଥିପାଇଁ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବା ସହିତ ତୁରନ୍ତ ସମସ୍ୟାର ସମାଧାନ ପୂର୍ବକ ପଦକ୍ଷେପ ନିଆ ନ ଗଲେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ ବୋଲି ୟୁନିଅନ ତରଫରୁ କୁହାଯାଇଛି। ସମ୍ପାଦକ ପଲଟୁ ଦାସଙ୍କ ସମେତ ଚନ୍ଦନ କାମିଲା, ସବିତା ଭୂୟାଁ, ନିମାଇ ଦାସ ମହାପାତ୍ର, ଜୟଦ୍ରଥ ଦଳାଇ, ସେକ୍ ଅବଦୁଲ ରହିମ ଖାଁ, ମଦନ ମହାଲି, ସସ୍ମିତା ବ୍ରହ୍ମ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବସ୍ତାବ୍ଲକ, ୧୨।୨(ସମିସ): ସିଂଲା ଥାନା ଅଧୀନ ଯାମଶୁଳି ଗାନ୍ଧିଛକ ରାସ୍ତାର ପୁଟୁରା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ବସ୍ତା ଥାନା ଅଧୀନ ସଦାନନ୍ଦପୁର ପଞ୍ଚାୟତ ବାଉଁଶମୁଖା ଗ୍ରାମର ବିଦ୍ୟାଧର ଜେନାଙ୍କ ପୁଅ ଦିବ୍ୟଶଙ୍କର ଓରଫ ରାଜା ଲଙ୍ଗଳେଶ୍ୱରରୁ ଘରକୁ ଏକ ବାଇକ୍‌ରେ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲ ଆଣିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନେବା ରାସ୍ତାରେ ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ସୋମବାର ଶବ ବ୍ୟବଚ୍ଛେଦ କରିବା ସହିତ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସୁନୀତା ମେମୋରିଆଲ ଆଦିବାସୀ ଓ ହରିଜନ ଆବାସିକ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

## ସୃଜନଶୀଳତା ବିକାଶର ଶ୍ରେଷ୍ଠ ମାଧ୍ୟମ ବାର୍ଷିକୋତ୍ସବ ମଞ୍ଚ



ଭୋଗରାଇ, ୧୨।୨(ସମିସ): ପିଲାମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ ସ୍କୁଲ ଜୀବନ ହିଁ ପ୍ରକୃଷ୍ଟ ସମୟ। ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହ ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ। ଏହିମଞ୍ଚ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରି ଅନ୍ୟକୁ ପ୍ରେରଣା ଦେଇଥାଏ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୁନାଧରବସାଣ ସୁନୀତା ମେମୋରିଆଲ ହରିଜନ ଆଦିବାସୀ ଆବାସିକ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଧା ସାମ୍ରାଜ୍ଞୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ଅବସରରେ ସାଂସଦ ପାଣ୍ଠିରୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲାବେଳେ ସାଂସଦ ଶ୍ରୀଷଡ଼ଙ୍ଗୀ ଏହାର ଶିଳାନ୍ୟାସ କରିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି ତଥା ସିଆଁରୁଇ ପଞ୍ଚାୟତ ସମିତି ସଦସ୍ୟ ଆଶିଷ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି, ସମାଜସେବୀ ପରମାନନ୍ଦ ପରିଡ଼ା ଓ ଅନୀମା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ଘରାଇ, ପୂଜାରାଣୀ ଦଳାଇ, ତରୁଲତା ଦାସ, ମିଲିରାଣୀ ସେଠୀ ଓ ସୋମାଶ୍ରୀ ମଣ୍ଡଳ, ଶିକ୍ଷକ ଆଶିଷ କୁମାର ପାତ୍ର ଓ ଅଞ୍ଜନ ପାଣିଗ୍ରାହୀ, ରୀତାଞ୍ଜଳି ଗିରି, ଶଙ୍କର ସେଠୀ, ଅଧୀର ଦାସ, ମନୋଜ ବାରିକ ଓ ଶିବଶଙ୍କର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

### କମର୍ଦ୍ଦା ଚଣ୍ଡୀମାତା ଜାଗରଣ ଉତ୍ସବର ସପ୍ତମ ସନ୍ଧ୍ୟା

# ଉତ୍ସବ ହିଁ ସାମାଜିକ ଜନଜୀବନର ଚିତ୍ରଲିପି

ଭୋଗରାଇ, ୧୨।୨(ସମିସ)



ପ୍ରାଚୀନ ଅବଧାରିତ ରୀତିନୀତି ଓ ସଂସ୍କୃତିର ପୁନଃଜାଗରଣ ସୃଷ୍ଟି କରେ ଉତ୍ସବ। ଉତ୍ସବ ହିଁ ସାମାଜିକ ଜନଜୀବନର ଚିତ୍ରଲିପି ଏବଂ ଗାରିମାମୟ ବାର୍ତ୍ତା ପ୍ରଚାର କରିଆସୁଛି ବୋଲି ରବିବାର ଭୋଗରାଇ ବ୍ଲକ କମର୍ଦ୍ଦା ଚଣ୍ଡୀମାତା ଜାଗରଣ ଉତ୍ସବର ସପ୍ତମ ସାନ୍ଧ୍ୟ ସଭାରେ ମତପ୍ରକାଶ ପାଇଛି। କମର୍ଦ୍ଦା ସାହେବ ନଗର ପାଟଣା ବଣିଆ ପୋଖରୀ ପଡ଼ିଆରେ ଅନୁଷ୍ଠିତ ଚଣ୍ଡୀମାତା ଜାଗରଣ ଉତ୍ସବର ସପ୍ତମ ସାନ୍ଧ୍ୟ ସଭାରେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମଥ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଉତ୍ତର ଭୋଗରାଇ ସଭାପତି ଗୌରୀଶଙ୍କର ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର ଯୋଗ ଦେଇ ଭୋଗରାଇର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏକ ଶୃଙ୍ଖଳିତ ଓ ସଂସ୍କାର ସମ୍ପନ୍ନ ସମାଜ ଗଠନରେ ଯୁବ ଛାତ୍ର ଗୋଷ୍ଠୀ ଉଦ୍ୟମୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ନଟରଞ୍ଜନ ଘରାଇ ଯୋଗଦେଇ ଭୋଗରାଇର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଭୋଗରାଇ ପ୍ରେସ୍ କ୍ଲବର ସମ୍ପାଦକ ବିଶ୍ୱାମ୍ବର ଦାସ, ନିମାଇଁ ଚରଣ ପାତ୍ର, ଚନ୍ଦନ କୁମାର ଦାସ, ଆରତୀ ଭୂୟାଁ ଓ ଗଣେଶ ଚନ୍ଦ୍ର ବେହେରାଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କବି ମଳୟ କୁମାର ସୁର ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଶିକ୍ଷକ ରତନ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ କମିଟିର ସଭାପତି ତଥା ଉତ୍ତର ଭୋଗରାଇ ଓଷ୍ଟା ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆକର୍ଷଣୀୟ ମୀନାବଜାର ଠାରୁ ଆରମ୍ଭକରି ବିଭିନ୍ନ କିସମର ବିପଣୀ, ଆକର୍ଷଣୀୟ ବୈଦ୍ୟୁତିକ ସାଜସଜ୍ଜା, ନାଗର ଦୋଳି, ଟୟ ଟ୍ରେନ, ଯାଦୁ ଖେଳ ଆଦି ବିଭିନ୍ନ ପ୍ରକାରର ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି।

## ରାଇବଣିଆ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା



ରାଇବଣିଆ, ୧୨।୨(ସମିସ): ରାଇବଣିଆ ଲୋକ ମହୋତ୍ସବ-୨୦୨୪ର ପଞ୍ଚମ ସନ୍ଧ୍ୟା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଉପ ସଭାପତି ସୁକୁମାର ପ୍ରଧାନଙ୍କ ମଞ୍ଚ ଆହ୍ୱାନରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁକୁମାର ଘୋଷ ସଭାପତିତ୍ୱ କରିଥିଲ। ମୁଖ୍ୟଅତିଥି ଭାବେ ଜଳେଶ୍ୱରର ପୂର୍ବତନ ବିଧାୟକ ଦେବିପ୍ରଶନ୍ନ ଚନ୍ଦ, ମୁଖ୍ୟବକ୍ତା ଭାବେ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଦିଲୀପ କୁମାର ଗିରି, ରାଇବଣିଆ ଲୋକ ମହୋତ୍ସବ କମିଟିର ପୂର୍ବତନ କୋଷାଧ୍ୟକ୍ଷ ରବୀନ୍ଦ୍ର ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଞ୍ଚରେ ଦୁଇ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ରାଇବଣିଆ ଲୋକ ମହୋତ୍ସବ କମିଟିର ପୂର୍ବତନ କୋଷାଧ୍ୟକ୍ଷ ରବୀନ୍ଦ୍ର ଚୌହାନ ଏବଂ ଅନନ୍ୟା ଦାସ ଓଷ୍ଟା ଦ୍ୱାରା ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ତର୍କରେ ପ୍ରଥମ ସ୍ଥାନ ଅଧିକାର କରି ଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ରବିବାର ସନ୍ଧ୍ୟାରେ ରାଇବଣିଆ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୋପ ଡ୍ୟାନ୍ସ ଅନୁଷ୍ଠିତ ହେଇଥିଲା।ଏହି କାର୍ଯ୍ୟକ୍ରମକୁ ଅନନ୍ତ କୁମାର ମହାନ୍ତି, କୁଞ୍ଜ ବିହାରୀ ଗିରି, ସୁକାନ୍ତ କୁଇଲା ଓ ନିଗମାନନ୍ଦ ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ଭଣ୍ଡାରୀପଲ୍ଲୀ ସ୍ଥିତ ମା ସାରଦା ସଙ୍ଗୀତ ଏକାଡେମୀର ଛାତ୍ରୀମାନଙ୍କ ଦ୍ୱାରା ରାଇବଣିଆ ସଙ୍ଗୀତ ଗାନ କରା ଯାଇଥିଲା। ଓଡ଼ିଆ ଧାରାବାହିକ ଅଭିନେତ୍ରୀ ଶୁଭଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ।

## ଭତ୍ତା ବୃଦ୍ଧି ଘୋଷଣା ପରେ ହିତାଧିକାରୀଙ୍କ ଖୁସିର ଲହରୀ

ଜଳେଶ୍ୱର, ୧୨।୨(ସମିସ): ଓଡ଼ିଶା ସରକାର ଭତ୍ତା ହିତାଧିକାରୀଙ୍କ ଭତ୍ତା ଅଧିକ ୫ ଶହ ଟଙ୍କା ବୃଦ୍ଧି ଓ ଅଧିକ ନୂତନ ମଧୁବାବୁ ପେନସନ ଯୋଜନା ଭତ୍ତା ଘୋଷଣା ପରେ ଭତ୍ତା ହିତାଧିକାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଦେଖା ଯାଇଛି। ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନସନ ବ୍ୟବସ୍ଥା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ରୋଗୀ, ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ ଦ୍ୱାରା ହୋଇଥିବା ଅନାଥ ପିଲା ଓ ବିଧବାଙ୍କ ସହିତ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରା ଯାଇଛି। ଏହାସହିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ମାନଙ୍କୁ ମଧ୍ୟ ରାଜ୍ୟ ସରକାର ଅତିରିକ୍ତ ସହାୟତା ଦେଉଛନ୍ତି। ଏହି ଯୋଜନାରେ ଛୋଟ ପିଲା ଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଇଥାନ୍ତି। ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଆନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଆନ୍ତି। ୬୦ ପ୍ରତିଶତ ରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ। ବର୍ତ୍ତମାନ ସମସ୍ତେ ବର୍ଦ୍ଧିତ ଭତ୍ତା ଚଳିତ ଫେବୃଆରୀ ମାସ ପାଇବେ। ଜଳେଶ୍ୱର ବ୍ଲକରେ ପୂର୍ବରୁ ୧୫, ୩୨୧ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀ ଭତ୍ତା ପାଉଥିବା ବେଳେ ୧୫, ୩୨୧ ନୂତନ ହିତାଧିକାରୀ ଭତ୍ତା ପାଇବେ। ପୁରୁଣା ଓ ନୂଆ ସମସ୍ତ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଚଳିତ ଫେବୃଆରୀ ମାସରେ ପାଇବେ ବୋଲି ଜଣାପଡ଼ିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବ

ସିମୁଳିଆ, ୧୨।୨(ସମିସ): ସିମୁଳିଆ ବ୍ଲକ ଅଧିନ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବ ତଥା ଅଶ୍ୱନୀ-ଗୌରାଙ୍ଗ ଓ ଚମ୍ପାବତୀ-ଜଗବନ୍ଧୁ ସ୍ମାରକୀ ମେଧାବୃତ୍ତି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିଖଣ୍ଡ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥିଭାବେ ସିମୁଳିଆ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ଯୋଗଦେଇ ଥିଲେ। ସଂଘର ସଭାପତି ଉଗ୍ରସେନ ପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଡା. ଚିତ୍ତରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥିଭାବେ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ବେହେରା, ସରପଞ୍ଚ କାମିନୀଲତା ସେଠୀ, ସମିତି ସଭ୍ୟ ମାନଭନ ଶିଅଳ ଯୋଗଦେଇଥିଲେ। ସଂଘର ସଭ୍ୟ ବସନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବଳରାମ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅଶ୍ୱନୀ- ଗୌରାଙ୍ଗ ଓ ଚମ୍ପାବତୀ-ଜଗବନ୍ଧୁ ସ୍ମାରକୀ ମେଧାବୃତ୍ତି ଚୟନ ପରୀକ୍ଷା କରାଯାଇ ଏହି ମେଧାବୃତ୍ତି ଚୟନ ପରୀକ୍ଷାରେ ସିମୁଳିଆ ବ୍ଲକ ଅଧୀନସ୍ଥ ମଇତାପୁର, ବଙ୍ଗାଳପୁର, ଶ୍ୟାମସୁନ୍ଦରପୁର, ଅବଝୁଣା, ପୁରୁଷୋତ୍ତମପୁର, କଣ୍ଟାପଡ଼ା ଓ ଅଣ୍ଡରାଇ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୨୪୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୭୬ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। କରୁଣାକର ସାହୁ, ସନାତନ ବେହେରା, ଦିଲୀପ କୁମାର ମହାନ୍ତି, ଅର୍ଜୁନ ଚରଣ ଦାସ, କୃଷ୍ଣ ମିଶ୍ର, ଗଗନ ବିହାରୀ ସାହୁ, କାଳନ୍ଦୀ ଚରଣ ନାୟକ, ବିରେନ୍ଦ୍ର ପରିଡ଼ା, ଲକ୍ଷ୍ମଣ ନାୟକ, ରାମଚନ୍ଦ୍ର ଦାସ, ବିଶ୍ୱ ବିହାରୀ ପଣ୍ଡା, ଗଙ୍ଗାଧର ମଲ୍ଲିକ, ବ୍ରଜକିଶୋର ଦାସ, ବିଜୟ କୁମାର ଦାସ, ଗଙ୍ଗାଧର ପଣ୍ଡା, ଦୟାନିଧି ପାତ୍ର, ବାବାଜୀ ଚରଣ ଦାସ, କୈଳାସ ମହାକୁଡଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

## ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର କଲେ ସାଂସଦ

ଭୋଗରାଇ, ୧୨।୨(ସମିସ): ଭୋଗରାଇ ବ୍ଲକ ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ସାଂସଦଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏନେଇ ବାରବାଟିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସାଂସଦ ପ୍ରତିନିଧି ଆଶିଷ ମହାନ୍ତି, ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆ, ଅଧ୍ୟାପକ ପ୍ରଦୀପ ପରିଡ଼ା, ବିଜୟ ପ୍ରଧାନ, ମୃତ୍ୟୁଞ୍ଜୟ ପାତ୍ର, ସୁକାନ୍ତ ଶେଖର ପାତ୍ର, ରାଜେଶ ବଟବ୍ୟାଲ, ଅଧ୍ୟାପିକା ଦୀପାଳି ମହାନ୍ତି, ରାଜଶ୍ରୀ ଦତ୍ତ, କଲ୍ୟାଣୀ ମାହାନା ଓ ଅଞ୍ଜନା ପଲେଇ, ଡେମନଷ୍ଟ୍ରେଟର ସଞ୍ଜୀବ କୁମାର ହାତୀ, ଅଣ ଶିକ୍ଷକ କର୍ମଚାରୀ ଅଜିତ କୁମାର ପାତ୍ର, ରଞ୍ଜନ ଆଚାର୍ଯ୍ୟ, ଶୁଭେନ୍ଦୁ ନାୟକ, ମହମ୍ମଦ ହନିଫ ଖାଁ, ହରିଶଙ୍କର ଦତ୍ତ ଓ ସୁରେନ୍ଦ୍ର ନାଥ ସାହୁ, ଗୋପାଳ କୃଷ୍ଣ ପଣ୍ଡା, ପରମାନନ୍ଦ ପରିଡ଼ା, ବ୍ରଜକିଶୋର ମହାନ୍ତି, ରାଧାଗୋବିନ୍ଦ ପାତ୍ର, ରୂପକ ଜେନା, ଅଶୋକ କୁମାର ଦାସ, ସୁବାସ ଚାନ୍ଦ, ବାଜିତପୁର ପଞ୍ଚାୟତ ସମିତି ସଦସ୍ୟ ତରଣୀକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



## ଭୋଗରାଇ କୃଷକ ମୋର୍ଚ୍ଚାର ଗ୍ରାମ ପରିକ୍ରମା ଯାତ୍ରା



ଚୌକି, ୧୨।୨(ସମିସ): ବିଜେପିର କୃଷକ ମୋର୍ଚ୍ଚା ଗ୍ରାମ ପରିକ୍ରମା ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ଫେବୃଆରୀ ୧୨ ଆରମ୍ଭ ହୋଇ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଚାଲୁ ରହିବ। ଭୋଗରାଇ ୩୧ ନମ୍ବର ଜୁନ୍‌ର ପୂର୍ବତନ ସଭାପତି ଅମଳେନ୍ଦୁ ଶେଖର ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆୟୋଜକ ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ଉପସଭାପତି କୌଶିକ ଚାନ୍ଦ। ସାଂସଦ ପ୍ରତିନିଧି ଆଶିଷ ମହାନ୍ତି, ୩୨ ନମ୍ବର ଜୋନର କୃଷକ ମୋର୍ଚ୍ଚାର ସଭାପତି ପ୍ରଦୀପ ଦେ, ୩୩ ନମ୍ବର ଜୋନର କୃଷକ ମୋର୍ଚ୍ଚାର ସଭାପତି ବନମାଳୀ ଦାସ, ପ୍ରତିନିଧି ରାଜକୁମାର ଦାସ, ଭୋଗରାଇ ବିଜେପି ନେତା ଅଂଶୁମାନ ମାହାନ୍ତି, ପ୍ରମୁଖ ନେତାମାନେ କେନ୍ଦ୍ରସରକାରଙ୍କ ଜନମଙ୍ଗଳ କାର୍ଯ୍ୟବାବଦରେ ବଖାଣି ଥିଲେ। କୃଷକମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ୟାପଟେନ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକାଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ନହଞ୍ଜରା ଟିମ୍ ଚାମ୍ପିଅନ

ଜଳେଶ୍ୱର, ୧୨।୨(ସମିସ)



ନଛିମପୁର ପଞ୍ଚାୟତରେ ହୋଇଥିବା ୨ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୮ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ନହଞ୍ଜରା ଏକାଦଶ ଓ ଜଳେଶ୍ୱର ଏକାଦଶ ପରସ୍ପରକୁ ଭେଟି ଥିଲେ। ୮ ଓଭର ବିଶିଷ୍ଟ ଖେଳରେ ନହଞ୍ଜରା ଟିମ୍ ପ୍ରଥମେ ବ୍ୟାଟିଂ କରି ୯୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜଳେଶ୍ୱର ଟିମ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁଁ ୪୦ରନରେ ଅଲ ଆଉଟ୍ ହୋଇଥିଲେ। ବିଜେତା ନହଞ୍ଜରା ଦଳକୁ ଚାମ୍ପିଅନ ଟ୍ରଫି ଓ ନଗଦ ଅର୍ଥ ରାଶି ଓ ଉପ ବିଜେତା ଜଳେଶ୍ୱର ଦଳକୁ ରନର୍ସ ଅପ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଜଗନ୍ନାଥ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ସିଞ୍ଜୋ କପ୍ ସହିତ ଅର୍ଥ ପୁରସ୍କାର ପାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷକ ପଙ୍କଜ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ମଧ୍ୟରେ କବି ନରୋତ୍ତମ ପ୍ରଧାନ, ହାଇସ୍କୁଲର ସହ ପ୍ରଧାନଶିକ୍ଷକ ଅନନ୍ତ ଗିରି, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ପ୍ରମୁଖ ମଞ୍ଚାସୀନ ହୋଇ ଖେଳାଳି ଓ କମିଟିକୁ ଉତ୍ସାହିତ କରିଥିଲେ।

ଗ୍ରାମ ପଞ୍ଚାୟତରେ ମିନି ଷ୍ଟାଡିୟମ ଲାଗି ସରକାର ଯଦି ଆଗ୍ରହ ପ୍ରକାଶ କରନ୍ତି ଶିକ୍ଷକ ଶ୍ରୀଯୁକ୍ତ ଜେନା ଜମି ଦାନ କରିବେ ବୋଲି ଘୋଷଣା କରିଛନ୍ତି। ଗୋବିନ୍ଦ ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉତ୍ତମ ରାଉତ, ଗୋପାଳ ପ୍ରଧାନ, ଉମାକାନ୍ତ ଦେ, ସ୍ନେହାଶିଶ ଗିରି, ଚନ୍ଦନ ଦତ୍ତ ଖେଳ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାକୁ ବାବା ମହାକାଳ କ୍ଲବ ନିଳେଶ୍ୱର କ୍ଲବ କ୍ଷେତ୍ରପାଳ କ୍ଲବର ସଦସ୍ୟ ଓ ଆଖପାଖ ଗ୍ରାମର ଉଦ୍ୟମୀ ଯୁବକ ପ୍ରମୁଖ ସହାୟତା କରିଥିଲେ।

## ହାସ୍ୟ ଅଭିନେତା ପଞ୍ଚାନନ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୧୨।୨(ସମିସ)



ନଛିମପୁର ପଞ୍ଚାୟତସ୍ଥିତ ଆମ୍ବିଳିଅଠା ଗ୍ରାମରେ ଦିବଂଗତ ହାସ୍ୟାଭିନେତା ପଞ୍ଚାନନ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି ।ମସୋମବାର ପୂର୍ବାହ୍ନରେ ପଞ୍ଚାୟତ କଳା ପରିଷଦ ପକ୍ଷରୁ ଆୟୋଜିତ ସଭାରେ, ବରିଷ୍ଠ କବି ନରୋତ୍ତମ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ କଳାର କେବେ ମୃତ୍ୟୁ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ବସନ୍ତ ଦାସ ଯୋଗଦେଇ ଥିଲେ। ବିଶିଷ୍ଟ ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗଦେଇ କଳାକାର, ସଂସ୍କୃତି, ପରମ୍ପରା ଓ ବିଚାରଧାରାର ବାହକ ବୋଲି ଅଭିହିତ କରିଥିଲେ। ଯାତ୍ରା ସମୀକ୍ଷକ ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା, କଳାକାର ସଂଘ ଉପ ସଭାପତି ଚନ୍ଦ୍ର ମଣି ରାଉଳ, ପ୍ରାକ୍ତନ ଶିକ୍ଷକ ଗୌରାଙ୍ଗ ଚରଣ ପାତ୍ର, କଳାକାର ଚିତ୍ତରଞ୍ଜନ ପରିଡ଼ା, କଳାକାର ସୁଦାମ ପାତ୍ର, ସମାଜସେବୀ ସପନ କୁମାର ଜେନା ପ୍ରମୁଖ ଦିବଂଗତ କଳାକାରଙ୍କ ସ୍ମୃତିଚାରଣ କରିଥିଲେ। ସୌରେନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମ୍ୟ ମୁଖ୍ୟ ତଥା ବିଶିଷ୍ଟ କଳାକାର ପ୍ରଦୀପ ଜେନା ଓ ଯୁବ କଳାକାର ସପନ ଗିରିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସଭାରେ ୬ ଝିଅ ଜ୍ୱାଇଁ, ନାତିନାତୁଣୀ, ଜ୍ଞାତି କୁଟୁମ୍ବ ଓ ବହୁ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀ ଉପେନ୍ଦ୍ରନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୨।୨(ସମିସ): ବିଶିଷ୍ଟ ଶିକ୍ଷା ସଂଗଠକ, ସମାଜସେବୀ, ବାଲେଶ୍ୱରର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଉପେନ୍ଦ୍ରନାଥ ପାତ୍ରଙ୍କୁ ଜର୍ମାନ ସ୍ଥିତ ସଂସ୍କୃତ ପ୍ରାଚୀନ ଯୋଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ମାନ ସୂଚକ ଡକ୍ଟରେଟ ଉପାଧୀ ପଣ୍ଡିଚେରୀ ଠାରେ ପ୍ରଦାନ କରାଯାଇଛି। ବାଲେଶ୍ୱରରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ୨୦୦୫ ମସିହାରେ ଗଠିତ କ୍ରିୟାନୁଷ୍ଠାନ କମିଟିରେ ଉପେନ୍ଦ୍ରନାଥ ପାତ୍ର ଓ ତାଙ୍କ ପତ୍ନୀ କାଞ୍ଚନବାଳା ପାତ୍ର ସକ୍ରିୟ ଭୂମିକା ଅଦ୍ୟାବଧି ତୁଲାଇ ଆସିଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଶ୍ରୀ ପାତ୍ରଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ଇଂ ହୃଷିକେଶ ସାହୁ, ଡ ତାରାକାନ୍ତ ନନ୍ଦ, ସଚୀନ୍ଦ୍ର ଦାସ, ବେଣୁଧର ପାଲ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ବିଜନ ଦେ, ଯତୀନ ପାତ୍ର, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ସୀତାରାମ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ଡ କ୍ଷିତିଶ୍ୱର ଦାଶ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ କମିଲା, ଭାଗୀରଥି ମହାନ୍ତି ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ପାତ୍ରଙ୍କ ଏହି ସମ୍ମାନ ଜନକ ଉପାଧି ପାଇଁ ସେମାନଙ୍କର ଖୁସି ବ୍ୟକ୍ତ କରିଥିଲେ। ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ପକ୍ଷରୁ ଡ କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ଚୌଧୁରୀ ଅଭୟ ମିଶ୍ର ପ୍ରମୁଖ ବହୁ କୃଷିବିତ୍ ଉପସ୍ଥିତ ଥିଲେ।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: ବାଲେଶ୍ୱର ଚାମ୍ପିଅନ



ଖଇରା, ୧୨।୨(ସମିସ): ଭାଗବତୀ ୟୁଥ୍ କ୍ଲବ ଓ କଲ୍‌ଚୁରାଲ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବାଲେଶ୍ୱର କ୍ଲବ୍ ସହିତ ଭଦ୍ରକ ମଧ୍ୟରେ ହୋଇଥିଲା। ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩୦୦ ରନ ସଂଗ୍ରହ କରିଥିବାବେଳେ ଭଦ୍ରକ ଟିମ୍ ୧୪ ଓଭରରେ ସମସ୍ତ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ତଥା ବିଜେଡିର ଯୁବନେତା ଶଶୀ କୁମାର ସାହୁ ଯୋଗଦେଇ ଚାମ୍ପିଅନ ଦଳ ବାଲେଶ୍ୱର ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ରନର୍ସଅପ୍ ଦଳ ଭଦ୍ରକକୁ ଅନ୍ୟତମ ଅତିଥି ଭାବେ ଡଗରପଡ଼ା ସମିତିସଭ୍ୟ ବିଦ୍ୟାଧର ଦଳେଇ ଯୋଗଦେଇ ଟ୍ରଫି ଓ ରାଶି ପ୍ରଦାନ କରିଥିଲେ। ୩ ଦିନ ଚାଲିଥିବା ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟକୁ ସୌଭାଗ୍ୟ ବିଶ୍ୱାଳ ଓ ବିଦ୍ୟାଧର ପାଢ଼ୀ ଖେଳ ପରିଚଳନା କରିଥିଲେ। ଧାରା ବିବରଣୀରେ ସଞ୍ଜୟ ନାୟକ, ଶମ୍ଭୁନାଥ ବେହେରା ଓ ଜ୍ୟୋତିସ ମହାପାତ୍ର ପ୍ରମୁଖ ଥିଲେ। ଦୀପକ କୁମାର ପ୍ରଧାନ, ମନୋଜ ମହାନ୍ତି ଓ ମୁକେଶ ଦାସଙ୍କ ସମେତ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଏହି ଖେଳକୁ ସହଯୋଗ କରିଥିଲେ।

## ଆମ୍ବପୁଞ୍ଜା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୨।୨(ସମିସ): ଜଳେଶ୍ୱର ବ୍ଲକର ନାମ୍ପୋ ପଞ୍ଚାୟତର ଆମ୍ବପୁଞ୍ଜାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ତଥା ସମାଜସେବୀ ସୀତାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡା. ଦେବବ୍ରତ ମିଶ୍ର ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରସେଖର ଚନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପ୍ରମାଣିକ, ସରପଞ୍ଚ ଲୋପାମୁଦ୍ର ରାଉଳ, ଅରୁଣ ରାଉଳ, ଅବନୀ ଚାନ୍ଦ ଓ ରବିନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତା ସମ୍ପାଦକ ପ୍ରଫୁଲ୍ଲ ଗିରି ଗୁରୁକୂଳର ଆବଶ୍ୟକତା ଓ ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡ଼ିଥାଏ ବୋଲି କହିଥିଲେ। ଅନିତା ପରିଡ଼ା ମଞ୍ଚ ଆହ୍ୱାନ, ଜ୍ୟୋତ୍ସ୍ନା ସାହୁ ବାର୍ଷିକ ବିବରଣୀ, ମାଧୁରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ**

# ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେଲେ ଲୋକେ

ଲଙ୍ଗଳେଶ୍ୱର, ୧୨।୨(ସମିସ)



ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଛ। ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ମଧୁସୂଦନ ମୈକାପ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ବତନ ସରପଞ୍ଚ ଭଜହରି ପରିଡ଼ା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଅଜୟ ବାଗ, ପୂର୍ବତନ ସମିତି ସଭ୍ୟ ନୀଳାମ୍ବର ଜେନା, ସମାଜସେବୀ ଶିତୀକଣ୍ଠ ସାମନ୍ତ, ସମିତି ସଭ୍ୟ ସଞ୍ଜୟ ଜେନା, ସମାଜସେବୀ ସୁଦର୍ଶନ ଜେନା ଯୋଗଦେଇ ଥିଲେ। କମାରଗଡ଼ିଆ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗୀରଥ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ବାଦୀପାଲା ଓ ଏଲ୍‌ଇଡି ସ୍କ୍ରିନ ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ପୁଟୁରା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଆଦେକ ଏବଂ ଗ୍ରାମ ରୋଜଗାର ସେବକ ଗଦାଧର ମହାନ୍ତି ପରିଚାଳନା କରିଥିଲେ। ସମାଜସେବୀ ପ୍ରଦୀପ କୁମାର ସାହୁ, ଉପେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ଦାସ, ଗୋପାଳ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେଙ୍କ ସମେତ ଦୁଇ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଗୋବିନ୍ଦ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରାଜଘାଟ, ୧୨।୨(ସମିସ): ବସ୍ତାବ୍ଲକ ଭେଲୋରା ପଞ୍ଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟାକେନ୍ଦ୍ରରେ ସପ୍ତବିଂଶ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଜିଲ୍ଲା ପାଠକଚକ୍ର ସଂଗଠକ ଦୟାନିଧି ପାତ୍ର, ସମ୍ମାନିତ ଅତିଥି ସୁଷମା ପରିଡ଼ା, ସାହିତ୍ୟ ମନ୍ଦିର ସଭାପତି ବରେନ୍ଦ୍ର ପ୍ରଧାନ, ସମ୍ପାଦକ ନରହରି ଭଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ଲକ୍ଷ୍ମଣ ସେନାପତି ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ଜେନା, ମିତାରାଣୀ, ଶ୍ରାବଣୀ ଅପା, ନନ୍ଦିନୀ ଅପା, କ୍ରିଷ୍ଣା ଅପା ଓ ଅନ୍ୟମାନେ ସୋହଯୋଗ କରିଥିଲେ। ସତ୍ୟଜିତ ଉପାଧ୍ୟାୟ ଧନ୍ୟବାଦ ଅପର୍ଣ କରିଥିଲେ।

# ବାଲିଆପାଳରେ ନବୀନ ଓଡ଼ିଶା ବିକାଶ ସଂକଳ୍ପ ଯାତ୍ରା

ବାଲିଆପାଳ/ବଳରାମପୁର, ୧୨।୨(ସମିସ)



ବସ୍ତା ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକର ଜଗତିପୁର ପଞ୍ଚାୟତରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନ୍ତର୍ଗତ ବସ୍ତା-ବାଲିଆପାଳ ବିକାଶ ସଙ୍କଳ୍ପ ଯାତ୍ରାର ଶୁଭାରମ୍ଭ ହୋଇଛି। ସୁବାସିନୀ ଜେନାଙ୍କ ତତ୍ତ୍ୱାବଧାନରେ ବିଜୁ ଜନତା ଦଳର ବରିଷ୍ଠ ନେତା ମାନେ ତୃଣମୂଳସ୍ତରରେ ଲୋକଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ସୁବାସିନୀ ଜେନା କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସାଢେ ଚାରିକୋଟି ଓଡିଆଙ୍କ କଥା ବୁଝିଛନ୍ତି ଏବଂ ଓଡ଼ିଶାର ବିକାଶଧାରାକୁ ଆଗେଇ ନେଇଛନ୍ତି, ଯାହାର ଫଳସ୍ୱରୁପ ଓଡ଼ିଶା ପ୍ରଗତିପଥରେ ଆଗେଇ ଚାଲିଛି। ଜଗତିପୁର ମହାଦେବ ମନ୍ଦିର ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମେଣ୍ଢାପଡ଼ା, ଅଣଦେଉଳା ଓ ଗୋଟାମୂଳି, ଅଦଭୁତିଆ ମାର୍କେଟ, ଭିକାଗଡ଼ିଆ, ରାଣୀଖୁଡି, ବ୍ରାହ୍ମଣ ବାଇଶିଡା, ପାଇକ ବାଇଶିଡା, ହରନବାବିପାଟଣା, କରଞ୍ଜ ଠାରେ ସମାପ୍ତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ବ୍ଲକ ମହିଳା, ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ସମେତ ନିର୍ବାଚନ ମଣ୍ଡଳୀ ଏବଂ ପଞ୍ଚାୟତସ୍ତରୀୟ ବହୁ ମହିଳା, ଯୁବ ଓ ଛାତ୍ର ସାମିଲ ହୋଇଥିଲେ।

## ଜଳେଶ୍ୱର ଯୁବକଙ୍କ ଦିଲ୍ଲୀରେ ଆତ୍ମହତ୍ୟା

ବାଲେଶ୍ୱର(ଉତ୍ତର), ୧୨।୨(ସମିସ)

ଦିଲ୍ଲୀ ଠାରେ ରହୁଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ଗ୍ରାମର ଜଣେ ଯୁବକ ପ୍ରେମରେ ଧୋକା ଖାଇ ଗତ ଶନିବାର ଦିନ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ବିଜୟ ଦାସଙ୍କ ପୁଅ ଦେବନାରାୟଣ ଦିଲ୍ଲୀରେ ରହୁଥିବା ତାଙ୍କ ଭିଣୋଇ ଘରେ ରହି ପାଠ ପଢୁଥଲେ। ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ମୋହନପୁର ଥାନା ଅଞ୍ଚଳର ଜଣେ ଯୁବତୀ ମଧ୍ୟ ଦିଲ୍ଲୀରେ ଏକ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଯୁବତୀ ଜଣକ ଦେବ ନାରାୟଣଙ୍କୁ ନିଜ ପ୍ରେମ ଜାଲରେ ଫସାଇ ବହୁ ଅର୍ଥ ମଧ୍ୟ ନେଇଥିଲେ। ମାତ୍ର ଯୁବତୀଙ୍କ ସହ ଅନ୍ୟ ଜଣେ ଯୁବକଙ୍କ ସହିତ ସମ୍ପର୍କ ଥିବା ଯେତେବେଳେ ଦେବ ନାରାୟଣ ଜାଣିପାରିଥିଲେ ସେତେବେଳେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କର ଭଙ୍ଗା ପଡ଼ିଥିଲା। ଯୁବତୀ ଜଣକ ଦେବ ନାରାୟଣଙ୍କୁ ମାନସିକ ଭାବେ ଯନ୍ତ୍ରଣା ଦେଇଆସୁଥିଲେ। ବିଭିନ୍ନ ସମୟରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏପରିକି ଗତ



ଶନିବାର ଦିନ ୧୦.୩୦ରୁ ୧୧ଟା ସମୟରେ ସମ୍ପୃକ୍ତ ଯୁବତୀ ସହ ଦେବ ନାରାୟଣ ଭିଡିଓ କଲିଂ ରେ ଥିବା ଅବସ୍ଥାରେ ଗଳାରେ ଗାମୁଛା ଲଗାଇ ଆ।ହତ୍ୟା କରିଥିବା ସୂଚନା ମିଳିଛି। ଖବର ସେଠାକାର ପୋଲିସ ଶବ କୁ ଉଦ୍ଧାର କରିବା ସହ ବ୍ୟବଛେଦ କରିଥିବା ଜଣାପଡ଼ିଛି।

## ଆଉ ନାହାନ୍ତି ଗ୍ରୋସେରି ଦୋକାନୀ ଗୁଣ୍ଡିଆ ପୁଷ୍ଟି

ଜଳେଶ୍ୱର, ୧୨।୨(ସମିସ): ସହରର ୬ ନମ୍ବର ୱାର୍ଡ ବଡ଼ବଜାରସ୍ଥିତ ଶନି ମନ୍ଦିର ସମ୍ମୁଖରେ ଦୀର୍ଘବର୍ଷ ଧରି ଗ୍ରୋସେରି ଦୋକାନ କରି ଆସୁଥିବା ଅଞ୍ଚଳର ମୂଳ ବାସିନ୍ଦା ବୈଦ୍ୟନାଥ ପୁଷ୍ଟି (୭୦)ଙ୍କ ଆଜି ତାଙ୍କ ଘରେ ପରଲୋକ ଘଟିଛି। ଗୁଣ୍ଡିଆ ପୁଷ୍ଟି ନାମରେ ସେ ଖାଉଟି



ମାନଙ୍କ ମଧ୍ୟରେ ଓ ଅଞ୍ଚଳରେ ବେଶ ପରିଚିତ ଥିଲେ। ସେ ଗତ ଏକ ମାସରୁ ଦୁରାରୋଗ୍ୟ ରୋଗରେ ପୀଡିତ ହୋଇ ଭୁବନେଶ୍ୱରରୁ ଚିକିତ୍ସା ହୋଇ ଫେରିଥିଲେ। ସ୍ୱର୍ଗତଃ ଶ୍ରୀ ପୁଷ୍ଟି ତାଙ୍କ ଅମଳରେ ସ୍ନାତକ ଡିଗ୍ରୀ ହାସଲ କରି ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଘରୋଇ ଟିଉସନ କରି ବହୁ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ବଢ଼ିବାରେ ସହାୟକ ହୋଇଥିଲେ। ତାଙ୍କ ମୃତ୍ୟୁକୁନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଦୁଇ ଝିଅଙ୍କ ସମେତ ଜାମାତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଣିକ ସଂଘ ତରଫରୁ ତାଙ୍କ ଶବାଧାରରେ ପୁଷ୍ପ ପ୍ରଦାନ କରାଯାଇ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରାଯାଇଥିଲା।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ରୂପସା, ୧୨।୨(ସମିସ): ରୂପସା ଥାନା ଅଧୀନସ୍ଥ ରାଉତପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମରେ ସୋମବାର ଗ୍ରାମର ଚନ୍ଦନ ବେହେରାଙ୍କ ଘରେ ହଠାତ୍ ନିଆଁ ଲାଗିଯାଇ ୨ ବଖରା ପୋଡ଼ି ପାଉଁଶ ହେବା ସହିତ ଏହି ଅଗ୍ନିକାଣ୍ଡରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତି ପାଉଁଶ ହୋଇଛି। ଚନ୍ଦନଙ୍କ ୨ବଖରାକୁ ଲାଗି ଏକ ନୁଆଁଣିଆ ଛୋଟ ରୋଷେଇ ଘରଟିଏ ଥିଲା। ଆଜି ମଧ୍ୟାହ୍ନରେ ଘର ଲୋକେ ରୋଷେଇ କରୁଥିବା ସମୟରେ ନିଆଁର ହୂଳ/ଝୁଲ ଉଡିଆସି ଝାଟିମାଟିରେ ନିର୍ମିତ ୨ ବଖରା ଘରେ ଅଗ୍ନି ସଂଯୋଗ ହେବା ସହ ଘର ପାଖରେ ଥିବା ୨ଟି ନଡ଼ାଗଦାରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଦେଖିପାରି ବସ୍ତା ଦମକଳ ବାହିନୀକୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ବସ୍ତା ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରତାପ ପାଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୨ ଘଣ୍ଟାର ପ୍ରଚେଷ୍ଟା ପରେ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲା। ଏହି ସମୟରେ ଉକ୍ତ ନିଆଁର ଝୁଲ ଉଡ଼ି ଚନ୍ଦନଙ୍କ ଘରଠୁ ୫୦ ମିଟର ଦୂର ରାଧେଶ୍ୟାମ ବେହେରାଙ୍କ ୨ବଖରା ଚାଳ ଛପର ଘରେ ନିଆଁ ଲାଗିବା ଦେଖି ଦମକଳ ବାହିନୀ ତୁରନ୍ତ ପାଣି ସିଞ୍ଚନ କରିବାରୁ ଉକ୍ତ ପରିବାର କ୍ଷତିଗ୍ରସ୍ତ ହେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ଅଗ୍ନିକାଣ୍ଡରେ ଚନ୍ଦନଙ୍କର ପାଖା ପାଖି ୫/୭ ବସ୍ତା ଧାନ, ଚାଉଳ, ଲୁଗାପଟା, ଘରେ ଥିବା ଟଙ୍କା ପଇସା ସମେତ ପାଖାପାଖି ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଛି ବୋଲି ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ଶ୍ରୀ ପାଲ ସୂଚନା ଦେଇଛନ୍ତି। ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତିର ଆକଳନ ଜାରି ରଖିଛନ୍ତି।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲିଆପାଳ, ୧୨।୨(ସମିସ)

ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ସମସ୍ୟା କଥା ଜଣାଇବା ପାଇଁ ଜନସାଧାରଣ ଆଜି ଅଭିଯୋଗ ଶିବିରକୁ ଆସିଥିଲେ। ଅଭିଯୋଗ ଶୁଣାଣିକୁ ବିଭିନ୍ନ ସମସ୍ୟା ନେଇ ୧୨୯ଟି ଅଭିଯୋଗ ଆସିଥିଲା। ଅଭିଯୋଗ ମଧ୍ୟରେ ବାଲିଆପାଳିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦକ୍ଷିଣ ବାଲିଆପାଳର ଲାଇଫ ଲାଇନ କୁହାଯାଉଥିବା ବାଲିଆପାଳ ଚୌମୁଖ ମୁଖ୍ୟ ରାସ୍ତାର ଯଥାଶୀଘ୍ର ମରାମତି ପାଇଁ ମଞ୍ଚର ଆବାହକ ସତ୍ୟକାମ ମାହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ମାର୍ଚ୍ଚ ୧୫ତାରିଖ ଭିତରେ କାର୍ଯ୍ୟ ଶେଷ କରିବାକୁ ଆରଏଣ୍ଡବି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଷ୍ଣୁପୁର ପଞ୍ଚାୟତରେ ବହୁ ପରିମାଣର ସରକାରୀ ଯାଗା ଥିଲେ ମଧ୍ୟ ଏକ ବ୍ୟକ୍ତିଗତ ଯାଗାରେ ସରକାରଙ୍କ ମୋ ବ୍ୟାଙ୍କ ଗୃହ ହୋଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ସଂଗୃହିତ ନକଲ ପଞ୍ଚାୟତର ୱାର୍ଡ ସଦସ୍ୟ ଗୋପୀନାଥ ସେଠୀଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେଇଥିଲେ। ଜିଲ୍ଲାପାଳ ଅତିରିକ୍ତ ତହସିଲଦାରଙ୍କୁ ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଘରୋଇ ଉଠାଜଳସେଚନ ସଂଘ ପକ୍ଷରୁ କୃଷକ ନେତା ଅଦ୍ୱୈତ କୁମାର ବର୍ଗଙ୍କ ନେତୃତ୍ୱରେ ଦଶରୁ ଊର୍ଦ୍ଧ୍ୱ ଚାଷୀ ଟାଟା ପାୱାରର ଅତ୍ୟଧିକ ବିଦ୍ୟୁତ ବିଲ ଯୋଗୁଁ ଖରାଦିନିଆ ଧାନଚାଷ କରିବା ଅସମ୍ଭବ ହୋଇ ପଡୁଥିବା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଜିଲ୍ଲାପାଳ ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ ନିଜର ଅକ୍ଷମତା ପ୍ରକାଶ କରି ଓଡ଼ିଶା ଇଲେକ୍ଟ୍ରିକ ରେଗୁଲେଟରୀ କର୍ପୋରେସନରେ ଆବେଦନ କରିବାକୁ କହିଥିଲେ। ଏହି ଅଭିଯୋଗ ଶୁଣାଣିରେ କୌଣସି ପ୍ରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳି ନ ଥିଲା। ବ୍ଲକର ୨୮ ପଞ୍ଚାୟତ ପକ୍ଷରୁ ମିଶନଶକ୍ତି ମା ମାନଙ୍କ ଦ୍ୱାରା ହାତ ତିଆରି ବିଭିନ୍ନ ସାମଗ୍ରୀର ଷ୍ଟଲ୍ ବ୍ଲକ କାର୍ଯ୍ୟାଳୟ ପରିସରରେ ଲାଗିଥିଲା, ଯାହାକୁ ଜିଲ୍ଲାପାଳ ବୁଲି ଦେଖିଥିଲେ। ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରୟଭାଉସାହେବ ସିନ୍ଦେଧଙ୍କ ସମେତ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ସିଡିଏମଓ ଡ. ଦୁଲାଲ ସେନ ଜଗଦେବ, ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଜନଶୁଣାଣି ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାନଯିବା ଯୋଗୁଁ କମ ସଂଖ୍ୟକ ଅଭିଯୋଗ ଆସିଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।




# ସ୍ୱାଧୀନତା ସଂଗ୍ରାମୀ ଡ. ରବୀନ୍ଦ୍ର ମୋହନଙ୍କ ଜୟନ୍ତୀ




ବାଲେଶ୍ୱର, ୧୨।୨(ସମିସ)

ଡ. ରବୀନ୍ଦ୍ର ମୋହନ ଦାସ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ରବୀନ୍ଦ୍ର ମୋହନ ଦାସଙ୍କ ୧୧୩ତମ ଜୟନ୍ତୀ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ସଭାପତିତ୍ୱ କରିବା ସହିତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସହ ସାମାଜ କଲ୍ୟାଣ କାର୍ଯ୍ୟରେ ସ୍ୱର୍ଗତ ଦାସଙ୍କ ଭଳି ମହାନ ନେତାଙ୍କ ଅବଦାନକୁ ଏ ଜାତି ସର୍ବଦାମନେ ରଖିବ ବୋଲି ମତପ୍ରକାଶ କରିଥିଲେ। ବିଶିଷ୍ଟ ପଦାର୍ଥ ବିଜ୍ଞାନବିତ ଡ. ଜ୍ଞାନଦେବ ମହାରଣା ବିଶେଷ ଅତିଥିଭାବେ ଯୋଗଦେଇ ତାଙ୍କର ନିଃସ୍ୱାର୍ଥ ସମାଜସେବା ସ୍ୱର୍ଗତ ଦାସଙ୍କୁ ଅବିସ୍ମରଣୀୟ କରିଛି ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦେବାଶିଷ ପାତ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଭଳି ଜଣେ ଗାନ୍ଧୀବାଦୀ ନେତା ଭାବେ ସ୍ୱାର୍ଥରୁ ଊର୍ଦ୍ଧ୍ୱ ରହି ଜୀବନ ତମାମ ରାଷ୍ଟ୍ରହିତରେ ନିଜକୁ ନିୟୋଜିତ ରଖିଆସିଥିବା ବିରଳ ବ୍ୟକ୍ତିତ୍ୱ ସାମ୍ପ୍ରତିକ ସମାଜରେ ଆଉ ମିଳି ନପାରନ୍ତି। ସବ୍ୟସାଚି ପଟ୍ଟନାୟକ, ପ୍ରାବନ୍ଧିକ ଓ କବି ଗୁରୁକଲ୍ୟାଣ ମହାପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ସାମାଜିକ କର୍ମୀ ସର୍ବେଶ୍ୱର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କାରଯୁକ୍ତ ସମାଜ ନିର୍ମାଣ ଓ ରାଷ୍ଟ୍ର ବିକାଶର ଚିନ୍ତା କେବଳ ରବୀନ୍ଦ୍ର ମୋହନଙ୍କ ଭଳି ନିଃସ୍ୱାର୍ଥପର ବ୍ୟକ୍ତିତ୍ୱ କରିପାରନ୍ତି ବୋଲି କହିଥିଲେ। ତାଙ୍କର ଆଦର୍ଶ ଉତ୍ତର ପିଢ଼ି ପାଇଁ ପ୍ରେରଣା ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ରବୀନ୍ଦ୍ର ମୋହନ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ତଥା ସ୍ୱର୍ଗତ ଦାସଙ୍କ ଜ୍ୟେଷ୍ଠ କନ୍ୟା ସମାଜସେବୀ ଯଶୋଧାରା ଦାସ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଦେଇଥିଲେ।

